



## ରୁମ୍‌ମେଟ୍‌କୁ ଛୁରି ଭୁଷି ହତ୍ୟା ମାମଲା

# ହତ୍ୟାକାରୀ ବାନ୍ଧବୀକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୩୦।୧(ସମିସ): ନିଜ ରୁମ୍‌ମେଟ୍‌କୁ ଛୁରି ଭୁଷି ହତ୍ୟା କରିବା ମାମଲାର ରାୟ ୭ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି। ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀ ନଗରର ପ୍ଲଟ ନଂ ୩୬୦୪ରେ ଥିବା ଏକ ଘରେ ୨୦୧୯ ମସିହା ଜାନୁଆରୀ ମାସରେ ଜଣେ ଯୁବତୀଙ୍କୁ ତାଙ୍କର ଜଣେ ବାନ୍ଧବୀ ଛୁରୀ ଭୁଷି ହତ୍ୟା କରିଥିଲେ। ଏହି ମାମଲାର ବିଚାରକରି ଶୁକ୍ରବାର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଅଭିଯୁକ୍ତ ଯୁବତୀ ଅନିଷା ମିତ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଅର୍ଥରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପିପି ଶୁଭଶ୍ରୀ ଜେନା ପରିଚାଳନା କରୁଥିବା ବେଳେ ଉପନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ତଦାରଖ କରୁଥିଲେ। ମାମଲାର ତଦନ୍ତ ତକଳାଳୀନ ଶ୍ରୀ ଲିଙ୍ଗରାଜ ଥାନାଧିକାରୀ ତଥା ବର୍ତ୍ତମାନର ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ କରିବା ସହ ଧାର୍ଯ୍ୟ ସମୟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମୃତ ଅଳକାନନ୍ଦା ଦାସ ହେଉଛନ୍ତି ଅଭିଯୋଗକାରିଣୀ ମଧୁଛନ୍ଦା ଦାସଙ୍କ ସାନ ଭଉଣୀ। ମୃତ ଅଳକାନନ୍ଦା ଏବଂ ଅଭିଯୁକ୍ତ ଅନିଷା ମିତ୍ର ଉଭୟ ରୁମମେଟ ଏବଂ ଦୁହେଁ ଏକତ୍ର ମିଶି ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗରର ପ୍ଲଟ ନମ୍ବର-୩୬୦୪ରେ ଘରଭଡା ନେଇ ରହୁଥିଲେ। ନିଜର ବିବାହ ନିର୍ବନ୍ଧ ସ୍ଥିର ହୋଇଥିବା ହେତୁ ୨୦୧୯ ମସିହା ଜାନୁଆରୀ ୧୯ ତାରିଖରେ ଅଳକାନନ୍ଦା ଗାଁକୁ ଯିବା ଲାଗି ବାହାରିଥିଲେ। ଏହା ଜାଣିବା ପରେ ଅନିଷା ତାଙ୍କୁ ଘରକୁ ଯିବା ଲାଗି ବାରଣ କରିଥିଲେ ଏବଂ ଯଦି ସେ ତାଙ୍କ କଥା ନମାନି ଘରକୁ ଯାଆନ୍ତି। ତେବେ ସେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି ଶୁଣାଇ ଦେଇଥିଲେ। ଏହା ବ୍ୟତୀତ ସେ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାର ଧମକ ମଧ୍ୟ ଦେଇଥିଲେ। ଅଳକାନନ୍ଦା ଭଉଣୀ ମଧୁଛନ୍ଦାଙ୍କୁ ଏନେଇ ଜଣାଇବାରୁ, ସେହିଦିନ ଗାଁକୁ ନବାହାରି ତାପରଦିନ ପ୍ରାତଃ ସମୟରେ ବାହାରିଯିବା ପାଇଁ ମଧୁଛନ୍ଦା ତାଙ୍କୁ ଉପାୟ ବତାଇଥିଲେ। କିନ୍ତୁ ତା ପରଦିନ ଅର୍ଥାତ ୨୦ ତାରିଖ ସକାଳ ସମୟରେ ଅଭିଯୋଗକାରିଣୀ ମଧୁଛନ୍ଦା ଭଉଣୀ ଅଳକାନନ୍ଦାଙ୍କ ମୃତ୍ୟୁ ଖବର ହଠାତ ପୋଲିସ ନିକଟରୁ ଜାଣିବାକୁ ପାଇଥିଲେ। ସୂଚନା ପାଇବା କ୍ଷଣି ମଧୁଛନ୍ଦା ଭୁବନେଶ୍ୱରସ୍ଥିତ ଗୌରୀନଗରରେ ଥିବା ଭଡାଘରେ ଯାଇ ପହଞ୍ଚି, ଅଳକାନନ୍ଦାଙ୍କୁ ରକ୍ତ-ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ଅଭିଯୁକ୍ତ ଅନିଷାଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ହତ୍ୟା ଅଭିଯୋଗ ଅଭିଯୋଗ କରିଥିଲେ। ଉପରୋକ୍ତ ମାମଲାର ବିଚାର କାଳରେ, ଘଟଣା ସହିତ ସମ୍ପୃକ୍ତ ୧୦ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୩୦ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାନ୍ୟବର ଅଦାଲତ ଆସାମୀ ଅନିଷା ମିତ୍ରଙ୍କୁ ଆଇପିସିର ଧରା-୩୦୨ ଅନୁଯାୟୀ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ହଜା ଜରିମାନା ଆଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ବର୍ଷର ସଶ୍ରମ କାରାଦଣ୍ଡର ଆଦେଶ ମଧ୍ୟ ଶୁଣାଇଛନ୍ତି। ଗତବର୍ଷ ୧୦୦ଟି ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ୧୧ତମ ମାମଲା।

### ୭ ବର୍ଷ ପରେ ଆସିଲା ରାୟ



## ● ବାହୁଡ଼ି ନାହାନ୍ତି ବାଉରୀବନ୍ଧୁ

# ପୋଷ୍ଟର ଲଗାଇ ବାପାଙ୍କୁ ଖୋଜୁଛନ୍ତି ପୁଅ

ଭୁବନେଶ୍ୱର, ୩୦।୧(ସମିସ): ବୟସର ଅପରାହ୍ଣରେ ବାଉରୀବନ୍ଧୁ। ଦିନଥିଲା ସ୍ତ୍ରୀ ପିଲାର ବଢ଼ିଲା ସଂସାର। ନିଜ ଚାକିରି ଜୀବନକୁ ନେଇ ସେ ବାହି ନେଉଥିଲେ ଜୀବନର ତରି। ହେଲେ କପାଳ ଲିଖନ ହେଉ କି ଦୈବାତ୍ ଏକ ଦୁର୍ଘଟଣା। ପ୍ରଥମେ ସ୍ତ୍ରୀ ଚାଲିଯିବା ଯେମିତି ସହି ପାରି ନ ଥିଲେ ବାଉରୀ। ପରେ ପରେ ନାତୁଣୀକୁ ହରେଇବାର ଦୁଃଖ ଆହୁରି ଭାଙ୍ଗି ଦେଇଥିଲା। ଆଉ ସବୁଦିନ ଭଳି ଘରକୁ ବାହୁଡ଼ି ଆସୁଥିବା ବାଉରୀବନ୍ଧୁ ଫେରିନାହାନ୍ତି। କାନ୍ଥରେ ନିଖୋଜ ପୋଷ୍ଟର ଲଗାଇ ଫେରିବା ବାଟ ଚାହିଁ ରହିଛି ପୁଅ ଆଉ ପୂରା ପରିବାର।



ଘଟଣା ହେଉଛି ୮୬ ବର୍ଷର ବାଉରୀବନ୍ଧୁ ସେଠୀ ପୁଅ ମନୋଜଙ୍କ ପାଖରେ ପୋଖରୀପୁଟସ୍ଥିତ ଭଡ଼ା ଘରେ ରହୁଥିଲେ। ହେଲେ ଦିନେ ହଠାତ୍ କେଉଁ ଆଡେ ଚାଲି ଯାଇଛନ୍ତି ଆଉ ଫେରିନାହାନ୍ତି। ଘରେ ପୁଅ ମନୋଜ ସହ ତାଙ୍କ ବାଟ ଚାହିଁ ବସିଛି ପୁରା ପରିବାର। ଆଜିକୁ ଠିକ ପାଞ୍ଚ ମାସ ହେଲା ସେ ଆଉ ଘରକୁ ଫେରିନାହାନ୍ତି। ହେଲେ ସେ ନିଶ୍ଚିତ ଫେରିବାର ବିଶ୍ୱାସ ଧରି ପ୍ରତିଦିନ ଖୋଜିବା ଜାରି ରଖିଛନ୍ତି ପରିବାର ଲୋକ। ସ୍ତ୍ରୀ, ପୁଅ, ବୋହୂ, ଝିଅ ଏବଂ ନାତି, ନାତୁଣୀଙ୍କ ମେଳରେ ବେଶ ହସ ଖୁସିରେ ଚାଲିଥିଲା ବାଉରୀବନ୍ଧୁଙ୍କ ପରିବାର। ତାଙ୍କ ପ୍ରକୃତ ଘର ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଅଞ୍ଚଳରେ। ଏପରିକି ବାଉରୀବନ୍ଧୁ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ। ହେଲେ ସମୟର ବିଡମ୍ବନା ପ୍ରଥମେ ସ୍ତ୍ରୀ ଚାଲିଗଲା ଏବଂ ପରେ ପାଖରେ ରହି ପଢୁଥିବା ନାତୁଣୀକୁ ମଧ୍ୟ ଏକ ଦୁର୍ଘଟଣାରେ ହରାଇଲେ। ସେବେଠାରୁ ତାଙ୍କ ମାନସିକ ସ୍ଥିତି ଠିକ୍ ରହିଲାନି ବୋଲି ତାଙ୍କ ପୁଅ ମନୋଜ କୁହନ୍ତି। ଧୀରେ ଧୀରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ସେ ତାଙ୍କ ବାପାଙ୍କୁ ଗାଁରୁ ଭୁବନେଶ୍ୱରକୁ ନିଜ ପାଖକୁ ନେଇ ଆସିଲେ। ହେଲେ ହଠାତ୍ ଦିନେ ତାଙ୍କ ବାପା କୁଆଡେ ଚାଲିଯିବାର ଖବର ପାଇ ମନୋଜ ଭାଙ୍ଗି ପଡ଼ିଥିଲେ। ତାଙ୍କ କହିବାନୁଯାୟୀ ଦିନ ୧୨ଟାରେ ହଠାତ୍ ସାଙ୍ଗରେ ଏକ ବ୍ୟାଗ ଧରି ତାଙ୍କ ବାପା କୁଆଡ଼େ ଚାଲିଯାଇଛନ୍ତି ଯେ ଆଉ ଫେରିନାହାନ୍ତି। ଏନେଇ ସେ ନିକଟବର୍ତ୍ତୀ ଥାନାରେ ନିଖୋଜ ହେବାର ଅଭିଯୋଗ ମଧ୍ୟ କଲେ। ହେଲେ ଦୀର୍ଘ ୫ ମାସରୁ ଅଧିକ ସମୟ ହେଲାଣି ତାଙ୍କ ବାପା ଆଉ ଫେରି ନାହାନ୍ତି କହି ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେଥିପାଇଁ ଅନେକ ସମୟରେ ସେ ନିଜେ ଖୋଜିବାକୁ ବାହାରି ଯାନ୍ତି ଏବଂ ବିଭିନ୍ନ ସ୍ଥାନରେ ତାଙ୍କ ବାପାଙ୍କ ନିଖୋଜ ପୋଷ୍ଟର ଲଗାଇ ଲୋକଙ୍କୁ କେଉଁଠି ଦେଖିଲେ ସୂଚନା ଦେବାକୁ ଅନୁରୋଧ କରିଛନ୍ତି।

# ବିଜେବି ହଷ୍ଟେଲ ଖାଦ୍ୟରେ ପୋକ

## ଅଧ୍ୟକ୍ଷଙ୍କୁ ଅଭିଯୋଗ କଲେ +୨ ଛାତ୍ରୀନିବାସ ଅନ୍ତେବାସୀ

ଭୁବନେଶ୍ୱର, ୩୦।୧(ସମିସ): ବିଜେବି ଯୁକ୍ତ ଦୁଇ କଲେଜ ଛାତ୍ରୀ ହଷ୍ଟେଲ ଖାଦ୍ୟରୁ ପୋକ ବାହାରୁଛି। ବାରମ୍ବାର ଏପରି ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ହଷ୍ଟେଲ ଅଧୀକ୍ଷକଙ୍କୁ ଏକାଧିକ ଥର ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ହଷ୍ଟେଲ୍ ଅନ୍ତେବାସୀମାନେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ ହଷ୍ଟେଲ ଭୋଜନରୁ ବାରମ୍ବାର ପୋକ ବାହାରୁଛି। ଡାଲି ଓ ତରକାରୀରୁ ପୋକ ବାହାରିବା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଏହି ସମସ୍ୟା ନେଇ ହଷ୍ଟେଲ ଅଧୀକ୍ଷକଙ୍କୁ ଏକାଧିକ ଥର ଛାତ୍ରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଖାଦ୍ୟ ପ୍ରସ୍ତୁତିରେ ପରିଷ୍କାର-ପରିଚ୍ଛନ୍ନ ନ ରହିବା, ନିମ୍ନମାନର ଖାଦ୍ୟ ପଦାର୍ଥ ବ୍ୟବହାର, ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ, ପରି ହଷ୍ଟେଲ୍ ପରିମଳ ବ୍ୟବସ୍ଥା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଖାଦ୍ୟର ଗୁଣବତ୍ତାରେ ସୁଧାର ଆଣିବା ସହ ହଷ୍ଟେଲ ପରିଚାଳନା ବ୍ୟବସ୍ଥାରେ ସଂସ୍କାର ଦାବି କରିଛନ୍ତି। ସମସ୍ୟାର ତ୍ୱରିତ ସ୍ଥାୟୀ ସମାଧାନ କରା ନ ଗଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବାରମ୍ବାର



ଖାଦ୍ୟରୁ ପୋକ ବାହାରିବା ବିଜେବି ହଷ୍ଟେଲ୍‌ର ଖାଦ୍ୟ ଗୁଣାବତ୍ତାକୁ ପ୍ରଶ୍ନଘେରରେ ଠିଆ କରିଛି।

# ବଦଳିବ ସହରାଞ୍ଚଳ ପାର୍କ ରୂପରେଖ

**ଭୁବନେଶ୍ୱର, ୩୦।୧ (ସମିସ):** ରାଜ୍ୟର ସମସ୍ତ ପୌରାଞ୍ଚଳ(ୟୁଏଲବିଏସ୍)ରେ ଥିବା ପାର୍କଗୁଡ଼ିକର ବଦଳିବ ରୂପରେଖ। ସମସ୍ତ ପାର୍କର ସୌନ୍ଦର୍ଯ୍ୟୀକରଣ ଏବଂ ସାମଗ୍ରିକ ଉନ୍ନତି ହେବ। ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ, ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସିଧାସଳଖ ଜଡ଼ିତ। ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯିବ। ଏଥିରେ ଅବହେଳା ଜନସାଧାରଣଙ୍କ ଭାବନା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅସମ୍ମାନ ହୋଇଥିବାରୁ ଏହି କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର।

ଶୁକ୍ରବାର ବିଭାଗୀୟ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଡ. ମହାପାତ୍ର ରାଜ୍ୟର ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ଉନ୍ନତୀକରଣ ପାଇଁ ଏକ ସମୟବଦ୍ଧ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟ ଅତୀତର ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କ ଗସ୍ତ ବିଷୟରେ ସେ ଉଲ୍ଲେଖ କରିଥିଲେ। ପାର୍କର ଦୁରବସ୍ଥା ଦେଖି ସେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ଚିନ୍ତା ପ୍ରକାଶ କରିଥିଲେ। କେବଳ ଉପରଠାଉରିଆ ସଜବାଜ ନୁହେଁ, ବରଂ ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି। ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ-ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

# ୨ ଚୋରକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର, ୩୦।୧(ସମିସ): ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଶୁକ୍ରବାର ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଜଣ ହେଉଛନ୍ତି ସହିଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ପ୍ରକାଶ ବିଷୋଇ ଓରଫ ପକା (୩୪) ଓ ବିଶ୍ୱମ୍ବର ନାଏକ (୨୪)। ଗିରଫ ଦୁଇ ଯୁବକଙ୍କ ଠାରୁ ପୁଲିସ ୯ଟି ଷ୍ଟିଲ ପାଇପ, ୧୮ଟି ଆଲୁମିନିୟମ ପାଇପ ଓ ଗୋଟାଏ ଛୁରୀକୁ ଜବତ କରିଛି। କ୍ୟାପିଟାଲ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୟୁନିଟ୍‌୨ ହନୁମାନ ମନ୍ଦିର ନିକଟସ୍ଥ କ୍ୱାଟର୍ସ ଅଞ୍ଚଳରେ ଦୁଇ ଜଣ ଯୁବକ କିଛି ଲୁହା ସାମଗ୍ରୀ ସାଙ୍ଗରେ ଧରି ବୁଲୁଥିଲେ। ପୁଲିସକୁ ଦେଖି ସେମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ଥାନାକୁ ଅଣାଯାଇଥିଲା। ପରେ ସେମାନେ ସ୍ଥାନୀୟ ଅଞ୍ଚଳରୁ ଏହି ସମସ୍ତ ଲୁହା ସାମଗ୍ରୀ ଚୋରି କରୁଥିବା ନେଇ ସ୍ୱୀକାର କରିଥିଲେ। ପରେ ପୁଲିସ ଉଭୟଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

# ସହିଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୩୦।୧ (ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଅବସରରେ ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ସହିଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ପୁଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା। ଏହାସହ ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧୀଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ। ପୁଲିସବାହିନୀ ଦ୍ୱାରା ବୀର ସହିଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ୍ ନିରବ ପ୍ରାର୍ଥନା ସହ ଓଡ଼ିଶା ପୁଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଙ୍ଗୀତ ବାଦନ ହୋଇଥିଲା। ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୨୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା 'ପରୀ'

ଭୁବନେଶ୍ୱର, ୩୦।୧(ସମିସ):ଓଡିଆ ଚଳଚ୍ଚିତ୍ର 'ପରୀ' ସାରା ଓଡ଼ିଶାରେ ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ତେବେ ଭୁବନେଶ୍ୱରସ୍ଥିତ ସ୍ମୃତି ସିନେପ୍ଲେକ୍ସରେ ଏହାର ପ୍ରିମିୟର ଶୋ'ରେ ସିନେମାର ପୁରା ଟିମ୍ ଦର୍ଶକଙ୍କ ସହ ଏକାଠି ବସି ସିନେମା ଦେଖିଥିଲେ। ସିନେମାର ପ୍ରଯୋଜନା ସଞ୍ଜୟ ମହାନ୍ତି କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ ଏବଂ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡ଼ାଙ୍କ ରଚିତ ଗୀତ ଗୁଡିକୁ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା, ଡାକ୍ତର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନା ବଢୁଥିବା ବେଳେ ଏକ ନିରୀହ, କୋମଳ ଫୁଲ କଢି 'ପରୀ' ମଧ୍ୟ ଏତିରୁ ବାଦ୍ ପଡ଼ିନି। ଗୋଟେପେଟ ତାକୁ ନେଇ ବାପା ମା'ଙ୍କର ଅନେକ ସ୍ୱପ୍ନ ରହିଥିବା ବେଳେ ଯୌନ ରାକ୍ଷସଙ୍କ ଅତ୍ୟାଚାରରେ ଅକାଳରେ ଝଡ଼ି ପଡ଼ିଛି 'ପରୀ'। ଅର୍ଥ, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡ଼ିଯାଇଛନ୍ତି ପରୀର ବାପା ମା'। ଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକତାର କାହାଣୀ ଉପରେ ଗତିଶୀଳ ସିନେମାରେ ମୁଖ୍ୟ ଚରିତ୍ରରେ ଜ୍ୟୋତି ରଞ୍ଜନ ନାୟକ ଏବଂ ଅନୁରାଧା ପାଣିଗ୍ରାହୀ ରହିଥିବା ବେଳେ ବିଭିନ୍ନ ଭୂମିକାରେ ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଣ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ସିନେମାଟି ମୁକ୍ତିଲାଭ କରିବାର ପ୍ରଥମ ଦିନରେ ସମସ୍ତ ହଲ୍ ହାଉସଫୁଲ ହୋଇଥିବା ବେଳେ ଆଗକୁ ଏହା ନିଶ୍ଚିତ ଦର୍ଶକାଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।



## ● ଉତ୍ତର ପୁରୁଷ ନାଟକ ପରିକ୍ରମା

# 'ରାଜଜେମା'ରେ ଇତିହାସର କଥା

ଭୁବନେଶ୍ୱର, ୩୦।୧(ସମିସ): ପୁରାଣରୁ ଇତିହାସ ପର୍ଯ୍ୟନ୍ତ ରାଜଜେମାମାନଙ୍କ ଜଟିଳ ଓ କରୁଣ କାହାଣୀ ରହିଛି। ଯାହା ଆଜି ବି ମନରେ ଶିହରଣ ଖେଳାଇଦିଏ। ସେମିତି ଏକ କାହାଣୀକୁ ନେଇ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଉତ୍ତର ପୁରୁଷ ନାଟକ ପରିକ୍ରମାର ଶେଷ ଦିନରେ ମଞ୍ଚସ୍ଥ ହୋଇଥିବା ନାଟକ 'ରାଜଜେମା' ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମହାଭାରତ ଯୁଗର ରାଜଜେମା ମାଧବୀ, ୧୮୦୦ ଶତାବ୍ଦୀର ମେବାର ଉଦୟପୁର ରାଜକୁମାରୀ କୃଷ୍ଣାକୁମାରୀ ଓ ଷୋଡଶ ଶତାବ୍ଦୀରେ ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜଜେମା ମୁକ୍ତାଦେଇଙ୍କ ବଳିଦାନର କାହାଣୀ ବଖାଣିଥିଲା ଏହି ନାଟକ। ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ରଚିତ ଏହି ନାଟକକୁ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନା ଓ ଗୌରବ ପାଣିଗ୍ରାହୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଜୀବନ୍ତ କରିଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ ଓ ରାଜ୍ୟ ସୂଚନା କମିସନର୍ ମନୋଜ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



# 'ଶ୍ରମିକ ଶ୍ରେଣୀକୁ ବଦନାମ କରିବା ବନ୍ଦ କରନ୍ତୁ'

ଭୁବନେଶ୍ୱର, ୩୦।୧(ସମିସ): ଭାରତର ମୁଖ୍ୟ ବିଚାରପତି ଶ୍ରମିକ ସଂଗଠନଗୁଡ଼ିକ ସମ୍ପର୍କରେ ଦେଇଥିବା ନିକଟତମ ମନ୍ତବ୍ୟକୁ ନେଇ ଏଆଇସିସିଟିୟୁ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଏବଂ ରାଜ୍ୟ ସଭାପତି ରାଧାକାନ୍ତ ସେଠୀ ଶୁକ୍ରବାର ରାଜଧାନୀରୁ ଏକ ମିଳିତ ବିବୃତ୍ତି ଜାରି କରି କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରମିକ ସଂଗଠନ ଯୋଗୁଁ ଦେଶର ଶିଳ୍ପ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି ବୋଲି ଅଦାଲତ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହାକୁ 'ଇତିହାସର ଏକ ଦୁର୍ଭାଗ୍ୟଜନକ ବିକୃତି' ଏବଂ 'ଭାରତୀୟ ଶ୍ରମିକ ଶ୍ରେଣୀର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ' ବୋଲି ନେତୃଦ୍ୱୟ ଅଭିହିତ କରିଛନ୍ତି। କର୍ପୋରେଟ୍ କୁପରିଚାଳନା ଏବଂ ଋଣ ଖିଲାପକାରୀଙ୍କୁ ଘଣ୍ଟ ଘୋଡ଼ାଇ ଶ୍ରମିକମାନଙ୍କୁ ଦାୟୀ କରିବା ଅନ୍ୟାୟ ଅଟେ ବୋଲି ଶ୍ରୀଯୁକ୍ତ ପରିଡ଼ା କହିଛନ୍ତି। ଏହିପରି ଅସଂଗଠିତ ଶ୍ରମିକଙ୍କ ସୁରକ୍ଷା: ଘରୋଇ ସହାୟକ/ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରସଙ୍ଗରେ ସଭାପତି ରାଧାକାନ୍ତ ସେଠୀ କହିଛନ୍ତି ଯେ ମାମଲା ବଢ଼ିଯିବାର ଦ୍ୱାହି ଦେଇ କୋଟି କୋଟି ଗରିବ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀରୁ ବଞ୍ଚିତ କରିବା ଗ୍ରହଣୀୟ ନୁହେଁ। ନ୍ୟାୟ କେବଳ ମାଲିକଙ୍କ ପାଇଁ ନୁହେଁ, ଶ୍ରମିକଙ୍କ ପାଇଁ ମଧ୍ୟ ସମାନ ହେବା ଉଚିତ୍। ସମ୍ବିଧାନର ଧାରା ୧୯(୧)(ଗ) ଅନୁଯାୟୀ ସଂଗଠିତ ହେବା ଏକ ମୌଳିକ ଅଧିକାର। 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ନାମରେ ଶ୍ରମିକଙ୍କୁ ଶୋଷଣ କରିବା ପାଇଁ କାହାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି। ଏଆଇସିସିଟିୟଶ ଓଡ଼ିଶା ଶ୍ରମିକ ଶ୍ରେଣୀ ଏବଂ ଗଣତାନ୍ତ୍ରିକ ସଂଗଠନଗୁଡ଼ିକୁ ଏହି ଶ୍ରମିକ ବିରୋଧୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦେଇଛି।

## ବାଣୀବିହାର ଟ୍ରାଫିକ୍ ଛକ

# ମରିଗଲାଣି ଗଛ; ବିଗିଡ଼ିଗଲାଣି ସୌନ୍ଦର୍ଯ୍ୟ

ଭୁବନେଶ୍ୱର, ୩୦।୧(ସମିସ): ରକ୍ଷଣାବେକ୍ଷଣା ଅଭାବରୁ ଉଜୁଡ଼ିଗଲାଣି ସହରର ସୌନ୍ଦର୍ଯ୍ୟକରଣ। ଯାହାଦ୍ୱାରା ସହରରେ ପ୍ରମୁଖ ଛକମାନଙ୍କରେ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ସୁନ୍ଦର ସୁନ୍ଦର ଗଛ ମରିପଡ଼ିଲାଣି। ଯାହାଦ୍ୱାରା ଏହି ଗଛ ସବୁ ମରିଯାଉଥିବାରୁ ଏହାକୁ ନେଇ ପ୍ରକୃତିପ୍ରେମୀମାନେ ଚିନ୍ତା ପ୍ରକଟ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜଧାନୀର ରସୁଲଗଡ଼, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ସିଆରପି ଏହିପରି ସହରର ପ୍ରମୁଖ ଛକଗୁଡ଼ିକରେ ସୌନ୍ଦର୍ଯ୍ୟକରଣ ପାଇଁ ଆକର୍ଷଣୀୟ ଗଛ ସବୁ ଲଗାଯାଇଥିଲା। ହେଲେ ଏହି ଗଛ ଏବେ ମରିଯାଇ ଗଛ ଥୁଣ୍ଟା ଠିଆ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବାଣୀବିହାର ଛକ। ଏହି ବାଣୀବିହାର ଟ୍ରାଫିକ୍‌ରୁ ଆଚାର୍ଯ୍ୟ ବିହାର ଆଡ଼କୁ ଆସିବା ଏବଂ ରମାଦେବୀ ଆଡ଼କୁ ଗଲା ବେଳକୁ ରାସ୍ତା ମଝିରେ ରହିଛି ଏହି ଗଛ। ଏଥିସହିତ ବାଣୀବିହାର ବ୍ରିଜ୍ ତଳେ ରହିଥିବା ଅନ୍ୟ ଗଛଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ନା ଏହି ଗଛମାନଙ୍କରେ ପାଣି ଦିଆ ଯାଉ ନ ଥିବାରୁ ଏହା ମଧ୍ୟରୁ ଗଛର ପତ୍ର ପାଚିବା ସହ ପତ୍ର ସବୁ ମରି ମରି ଆସିଲାଣି। ଏଥିସହିତ ଆଚାର୍ଯ୍ୟ ବିହାର ବ୍ରିଜ୍ ତଳେ ରହିଥିବା ଗଛମାନଙ୍କର ମଧ୍ୟ ସମାନ ଅବସ୍ଥା।



ବର୍ତ୍ତମାନ ଖଣ୍ଡଗିରି ମେଳା ଚାଲିଥିବାରୁ ରାଜଧାନୀକୁ ଦେଶ ବିଦେଶରୁ ସାଧୁ ସନ୍ଥଙ୍କ ସମେତ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ସହରର ମୁଖ୍ୟ କୁହାଯାଉଥିବା ଏହି ବାଣୀବିହାର ଛକର ଏପରି ଦୃଶ୍ୟ ଦେଖି ବିଦେଶୀ ପର୍ଯ୍ୟଟକମାନେ ଏକ ନକରାତ୍ମକ ଭାବନା ନେଇ ଫେରୁଛନ୍ତି। ଯାହା ଫଳରେ ଏହି ରାସ୍ତା ଦେଇ ଅନେକ ନେତା, ମନ୍ତ୍ରୀ, ବଡ଼ ବଡ଼ ଅଧିକାରୀମାନେ ଯିବା ଆସିବା କରୁଛନ୍ତି। ହେଲେ ଏହି ଦୃଶ୍ୟ କାହାରି ଆଖିକୁ ଦେଖାଯାଉନାହିଁ ବୋଲି ସାଧାରଣରେ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି।

ଏନେଇ ବାଣୀବିହାର ଛାତ୍ରୀ ସ୍ୱାଗତିକା ମହାପାତ୍ର କୁହନ୍ତି ଏବେ ସବୁଆଡ଼େ ଛୋଟ ହେଉ ଅବା ବଡ଼ ଗଛକୁ ସୁରକ୍ଷା ଦେବା ବେଳକୁ ଏଠାରେ ଗଛଗୁଡ଼ିକୁ ମାରି ଦିଆଯାଉଛି। ଫଳରେ ଏକ ପ୍ରକୃତି ପ୍ରେମୀ ହୋଇ ବହୁତ ଦୁଃଖ ଲାଗୁଛି ବୋଲି ସେ କହିଛନ୍ତି। ଏହି ବିଷୟବସ୍ତୁ ଉପରେ ଅନେକ ଥର ବିଏମ୍‌ସିକୁ ଲେଖି ଦିଆଗଲାଣି। କେହିବି ଏହାକୁ ଦୃଷ୍ଟି ଦେଉନାହାନ୍ତି ବୋଲି କର୍ପୋରେଟର ଜୀବନ ରାଉତ କହିଛନ୍ତି।



ଆସ ବୁଲିଯିବା ଖଣ୍ଡଗିରି

# ଏକାଥରରେ ଦୁଲୁକୁଛି ୭ ପେଣ୍ଡାଲ

ଭୁବନେଶ୍ୱର, ୩୦।୧ (ସମିସ): ଲଗାତାର ୪ ଦିନ ହେବ ଦୁଲୁକୁଛି ଖଣ୍ଡଗିରି ଯାତ୍ରା ପଡ଼ିଆ। ଦ୍ୱିତୀୟ ପର୍ଯ୍ୟାୟ ଲଢେଇ ଚାଲିଥିବା ବେଳେ ଏକକାଳୀନ ୭ଟି ପେଣ୍ଡାଲରେ ନାଟକ ଅନୁଷ୍ଠିତ ହେଉଛି। ଯାତ୍ରା ମହାକୁମ୍ଭର ଚତୁର୍ଥ ରାତିରେ ସିଂହବାହିନୀ, କୋଣାର୍କ, ଅଶୋକ ସମ୍ରାଟ, ଶ୍ରୀମନ୍ଦିର ଓ ସ୍ୱର୍ଣ୍ଣମହଲ ନାଟକ ରିପିଟ୍ କରିଥିବା ବେଳେ ଅପେରା ରାଜଦରବାର ଓ ଇନ୍ଦ୍ରଭୁବନ ଖଣ୍ଡଗିରି ମଇଦାନରେ ପାଦ ଥାପିଛନ୍ତି। ନାଟକ ରିପିଟ୍ ହେଉଥିଲେ ମଧ୍ୟ ଦର୍ଶକଙ୍କ ଭିତରେ ଉତ୍ସାହ ବଢ଼ିବାରେ ଲାଗିଛି।

ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ରାଜ ଦରବାର ଯାତ୍ରା ଲଢେଇରେ ନିଜକୁ ସାମିଲ୍ କରିଛି। ପ୍ରଥମ ରଜନୀରେ 'ଆଖି ପଲକରେ ଖୋଜୁଛି ତତେ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ଭାଇଭଉଣୀ ଚରିତ୍ରରେ ବାପି ପଣ୍ଡା-ମାମା-ମନୀଷାଙ୍କ ଅଭିନୟ ଏବଂ ନୀର ସ୍ୱାଇଁ ଓ ମ୍ୟାଜିକ୍ ଭିଲିଆନ୍ କୁନାଙ୍କ ଅଭିନୟ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ୍ୟ କରିଥିଲା।

ଯାତ୍ରା ଇନ୍ଦ୍ରଭୁବନ କଳିଙ୍ଗ ପେଣ୍ଡାଲ ମାଧ୍ୟମରେ ଅଘୋଷିତ ଯାତ୍ରା ପ୍ରତିଯୋଗିତାରେ ଭାଗ ନେଇଛି। ପ୍ରଥମ ରାତିରେ ଦୀପକ ଜେନାଙ୍କ ରଚିତ ଓ ଦିନେଶ ଦାସଙ୍କ ନିର୍ଦ୍ଦେଶିତ 'ନ ଅଙ୍କ ଦୁର୍ଭିକ୍ଷ'ରେ ବିନୋଦ-ବେବିନାଙ୍କ ଯୋଡ଼ି ସାଙ୍ଗକୁ ଖଳନାୟକ ପ୍ରକାଶ ଓ ବିମଳଙ୍କ ଡାଇଲଗ ଦର୍ଶକଙ୍କୁ ଆକର୍ଷିତ କରିଥିବା ପ୍ରକାଶ-କଣ୍ଡେଇଙ୍କ କମେଡି ହାସ୍ୟରୋଳ ସୃଷ୍ଟି କରିଥିଲା।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଲଗାତାର ଚତୁର୍ଥ ରାତିରେ ସେଇ ନାଟକ ପରିବେଷଣ କରିଛି। 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକରେ ଜିତୁ-ପୂଜାଙ୍କ କେମେଷ୍ଟ୍ରିକୁ ଦର୍ଶକ ପସନ୍ଦ କରିଥିବା ବେଳେ ଭେଟେରାନ ଦୈତାରିଙ୍କ ଡାଇଲଗ୍ ଶେଷ ପର୍ଯ୍ୟନ୍ତ ମଞ୍ଚ ନିକଟରେ ବାନ୍ଧି ରଖିଥିଲା

ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ ଦ୍ୱିତୀୟ ରଜନୀରେ ମଧ୍ୟ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ସୁବାସ-ପିଙ୍କି, ଭାବନା, ଲୁଲୁ, ନୟନ-ମାନସୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନବ ଘୋଷଙ୍କ ଅଭିନୟ ଦେଖିବାକୁ ରାତି ଅନିଦ୍ରା ହୋଇଛନ୍ତି ଦର୍ଶକ। ଜୟଦୁର୍ଗା ମଞ୍ଚରେ ନାଚୁଥିବା ଅପେରା ଶ୍ରୀମନ୍ଦିର ପ୍ରଥମ ରାତିର ସଫଳତା ପରେ ଦ୍ୱିତୀୟ ରାତିରେ ମଧ୍ୟ 'ଜାନୁଆର୍' ବହି ରିପିଟ୍ କରିଛି। ଜିନୁ-ଟିକି, ଅଜୁ-ଆପୁ ଓ ଖଳନାୟକ କାହ୍ନାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ରାଣୀ ସିଂହବାହିନୀ ଲଗାତାର ଚତୁର୍ଥ ରାତିରେ 'ତୁ ମୋ ବଜରଙ୍ଗୀ' ନାଟକ ମଞ୍ଚସ୍ଥ କରିଛି। ଭାଇଭଉଣୀ ଯୋଡ଼ି ପିୟୁଷ ଓ ମିନୁଙ୍କ ନିଚ୍ଛକ ଅଭିନୟ ସାଙ୍ଗକୁ ଖଳନାୟକ କୁନା ଓ କ୍ଷୀତିଶଙ୍କ





ଅଭିନୟ ଦର୍ଶକୀୟ ଆଦୃତି ଲାଭ କରିଛି।

ସେପଟେ ହରେକୃଷ୍ଣ ମହତାବ ପେଣ୍ଡାଲରେ ଖେଳୁଥିବା ଅପେରା ଅଶୋକ ସମ୍ରାଟ ୪ ରାତି ନାଟକ ପରିବେଷଣ କରି ବିଦାୟ ନେଇଛି। ଅନ୍ତିମ ରାତିରେ 'ସବୁ ପାପର ପ୍ରାୟଶ୍ଚିତ ନାହିଁ' ନାଟକ ଭେଟି ଦେଇଛି। 'ସମ୍ରାଟ' ରାଜଧାନୀ ଛାଡ଼ିବା ପରେ ଶନିବାର ରାତିରୁ ତୁଳସୀ ଗଣନାଟ୍ୟ ସେହି ମଞ୍ଚରେ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଭାଗ ନେବ। ପ୍ରଥମ ରଜନୀରେ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିବ।

## ଆଜିର କାହାଣୀ

## 'ତୁ ମୋ ବଜରଙ୍ଗୀ'

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ରାଣୀ ସିଂହବାହିନୀ ଚତୁର୍ଥ ରାତିରେ ମଧ୍ୟ ଦୀପକ ଜେନାଙ୍କ ରଚିତ ଓ ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ତୁ ମୋ ବଜରଙ୍ଗୀ' ନାଟକ ମଞ୍ଚସ୍ଥ କରିଛି। ବ୍ରାହ୍ମଣ ପରିବାରରେ (ରାମ) ପିୟୁଷ ଓ (ସାନ୍ତା) ମିନୁ ମହାପାତ୍ର ଭାଇଭଉଣୀ ଚରିତ୍ରରେ ଅଭିନୟ କରୁଛନ୍ତି। କୁନା ରାଜା ସାହେବ ବା କଳିଯୁଗ ହୋଇଥିବା ବେଳେ କ୍ଷୀତିଶଙ୍କୁ ତାଙ୍କ ମ୍ୟାନେଜର ଚରିତ୍ରରେ ଦେଖିବାକୁ ମିଳିଛି। ପିତା ରାମ ହାତରେ ବଜରଙ୍ଗୀ ବାଲିଙ୍କ ଗାମୁଛା ବାନ୍ଧି ଦେଇ କହୁଛନ୍ତି, ଯେତେବେଳେ ବିପଦ ଆସିବ ସେତେବେଳେ ବଜରଙ୍ଗୀ ତାଙ୍କୁ ରକ୍ଷା କରିବେ। ସେଇଦିନୁ ଯେତେବେଳେ ବିପଦ ଆସେ, ରାମ ତା' ହାତରେ ଗାମୁଛା ବାନ୍ଧେ। ସମୟ କ୍ରମେ ରାମ ଓ ରାଜା ସାହେବଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହେଉଛି। ଏଥିଲାଗି ରାଜା ସାହେବ ନିଜେ ରାମର ବାପାଙ୍କୁ ରାଜା ସାହେବ ହତ୍ୟା କରନ୍ତି। ରାମ ପ୍ରତିରୋଧ କରି ବିଫଳ ହେଉଛି। ଭଉଣୀ ସାନ୍ତା ରାମକୁ ଧରି ଘରୁ ଚାଲି ଯାଉଛି। ଜଣେ ବ୍ୟକ୍ତି ସାନ୍ତାକୁ ବଳାତ୍କାର ଉଦ୍ୟମ କରିବାରୁ ରାମ ତାକୁ ମାରିଦେବାକୁ ଚେଷ୍ଟା କରେ। ହେଲେ ସାନ୍ତା ତାକୁ ବାରଣ କରେ। ଗାମୁଛା ବାନ୍ଧିଲେ ରାମ ମାରପିଟ୍ କରୁଥିବାରୁ ଓ ବାରମ୍ବାର ଅତ୍ୟାଚାର ଶିକାର ହେଉଥିବାରୁ ସାନ୍ତା ରାଣ ପକାଇ ଆଉ କେବେ ହାତରେ ଗାମୁଛା ବାନ୍ଧିବାକୁ ରାମକୁ ବାରଣ କରୁଛି। ସେଇଦିନୁ ରାମ ଯେତେ ବିପଦ ଆସିଲେ ବି ଗାମୁଛା ବାନ୍ଧେ ନାହିଁ। ଏହାରି ଭିତରେ ରାଜା ସାହେବର ଅତ୍ୟାଚାର ବଢେ। ଅତ୍ୟାଚାର ସୀମା ଲଙ୍ଘିବାରୁ ସାନ୍ତା ଗାମୁଛା ବାନ୍ଧିବା ପାଇଁ ରାମକୁ ଅନୁମତି ଦିଏ। ରାମ ରାଜା କଳିଯୁଗ (କୁନା)ଙ୍କୁ ହତ୍ୟା କରି ସତ୍ୟଯୁଗ ପ୍ରତିଷ୍ଠା କରୁଛି।

# ଖଣ୍ଡଗିରିରେ ଲୋକେ ମୋତେ ଚେୟାର ମାଡ଼ କରିଥିଲେ



**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ମ୍ୟାଜିକ ଭିଲେନ୍ ହରେନ୍ଦ୍ର ନାଥ ଜେନା (କୁନା)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର**

**- ଯାତ୍ରା ଓ ଖଣ୍ଡଗିରିକୁ କିପରି ଆସିଲେ?**

ଉ- ପ୍ରଥମେ ସର୍କସ ମ୍ୟାନ୍ ପରେ ମ୍ୟାଜିକ କରୁଥିଲି। ଦିନେ ଗାଁ ଯାତ୍ରାରେ ମ୍ୟାଜିକ କରିବାବେଳେ ପାର୍ଟି ମାଲିକ ମୋତେ ଯାତ୍ରାକୁ ଡାକିଥିଲେ। ପ୍ରାୟ ୨୭ ବର୍ଷ ହେବ ଯାତ୍ରାକୁ ଆସିଲିଣି। ସେଥିରୁ ୧୭ ବର୍ଷ ହେଲା ଖଣ୍ଡଗିରି ଯାତ୍ରାକୁ ଆସିଲିଣି।

**- ଖଣ୍ଡଗିରିକୁ ନେଇ କିଛି ଅନୁଭୂତି ରହିଛି?**

ଉ- କିଛିବର୍ଷ ତଳେ ଖଣ୍ଡଗିରିରେ ତୁଳସୀ ଗଣନାଟ୍ୟର ସାବିତ୍ରୀ କରୁଛି ସ୍ୱାମୀ ନିଲାମ ନାଟକ ପରିବେଷଣ ହେଉଥାଏ ଓ ମୁଁ ସେଥିରେ ଅଭିନୟ କରୁଥାଏ। ଗୋଟିଏ ଦୃଶ୍ୟରେ ଦର୍ଶକମାନେ ହଠାତ୍ ମୋ ଉପରକୁ ଚେୟାର ମାଡ଼ କରିଥିଲେ। ସେହି ଘଟଣା ଆଜି ବି ମନରେ ରହିଛି।

**- ସେବେକାର ଖଣ୍ଡଗିରି ଓ ଏବେ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖୁଛନ୍ତି?**

ଉ- ପୂର୍ବରୁ ସମସ୍ତେ ନାଟକ ଦେଖିବାକୁ ଆସୁଥିଲେ। ହେଲେ ଏବେ ଏହି ଧାରାରେ ପରିବର୍ତ୍ତନ ହୋଇଛି। ସେତେବେଳେ ଲୋକମାନେ ନାଟକ ଦେଖିବାକୁ ଆସୁଥିଲେ, ହେଲେ ଏବେ ଭାଇରାଲ କଳାକାରଙ୍କୁ ଦେଖିବାକୁ ଆସୁଛନ୍ତି।

**- ଏପରି ଧାରା ବଜାୟ ରହିଲେ ନାଟକ ପ୍ରତି ବିପଦ ସୃଷ୍ଟି ହେବ କି?**

ଉ- ହଁ, ଏହା ନାଟକ ଉପରେ କୁପ୍ରଭାବ ପକାଉଛି। ଦର୍ଶକମାନେ ପ୍ରକୃତ କଳାକାରଙ୍କୁ ଚିହ୍ନି ପାରୁନାହାନ୍ତି। ପୂର୍ବରୁ ନାଟକ ନାମରେ ଆସୁଥିଲେ, ଏବେ ବ୍ୟକ୍ତି ଦେଖି ଆସୁଛନ୍ତି। ଦର୍ଶକମାନେ ବିଭିନ୍ନ ପାର୍ଟିର ନାଟକ ଦେଖନ୍ତୁ, ଗୋଟିଏ ନାଟକ ଦେଖି ତାହା ସବୁଠାରୁ ଭଲ ବୋଲି ନିଷ୍ପତ୍ତି ନିଅନ୍ତୁ ନାହିଁ। ସେହି ଦର୍ଶକମାନେ ହିଁ ଏହି ଧାରା ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି।

**- ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ଓ ପ୍ରଭାବ କ'ଣ? ଏଥିପାଇଁ ଦାୟୀ କିଏ?**

ଉ- ଅଶ୍ଳୀଳତା ବିନା ଯାତ୍ରା ହୋଇପାରିବ ଓ ହେଉଛି ମଧ୍ୟ। କିଛିବର୍ଷ ପୂର୍ବେ ଯାତ୍ରାରେ ଅଶ୍ଳୀଳତା ଆସିବାରୁ ପାରିବାରିକ ଦର୍ଶକ ମୁହଁ ଫେରାଇଥିଲେ। ଏବେ ଆଉ ଯାତ୍ରାରେ ଅଶ୍ଳୀଳତା ନାହିଁ, ଲୋକମାନେ ଧୀରେ ଧୀରେ ପରିବାର ସହ ଯାତ୍ରା ଦେଖିବାକୁ ଆସିଲେଣି। କିନ୍ତୁ କିଛି ଲୋକଙ୍କ ଭାବନାରେ, ଏବେବି ଯାତ୍ରାରେ ଅଶ୍ଳୀଳତା ରହିଛି। ଭଲ ବ୍ୟବସାୟ କରିବା ଆଳରେ କିଛି କମିଟିମାନେ ଯାତ୍ରାରେ ଅଶ୍ଳୀଳତା ପ୍ରବେଶ କରିଛନ୍ତି।

**- ପୂର୍ବର ଓ ଏବେର କାହାଣୀ ଭିତରେ କ'ଣ ଫରକ ଦେଖୁଛନ୍ତି?**

ଉ- ସେତେବେଳର କାହାଣୀରେ ବହୁତ ଦମ୍ ଥିଲା। ବହିର ପ୍ରତିଟି ଚରିତ୍ର ଉପରେ ନାଟକ ଯାଉଥିଲା ଓ ଭଲ ମଧ୍ୟ ହେଉଥିଲା। ହେଲେ ଏବେ କାହାଣୀ ଏକପାଖିଆ ହୋଇଗଲାଣି, ଅନେକ ଲୋକ ଅଭିନୟ କରୁଥିଲେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଚରିତ୍ରକୁ କାହାଣୀରେ ଗୁରୁତ୍ୱ ମିଳୁଛି। ଏଭଳି ହେଲେ ନାଟକର ମାନ ହ୍ରାସ ପାଇବାର ସମ୍ଭାବନା ଅଛି।

**- ନାଟକ ଏକପାଖିଆ ହେବା ପଛରେ ଦାୟୀ କିଏ?**

ଉ- ଏଥିପାଇଁ ମୁଁ କାହାକୁ ବ୍ୟକ୍ତିଗତ ଭାବେ ଦାୟୀ କରୁନାହିଁ। ନାଟକ ଗୋଟିଏ ଟିମ୍ ୱାର୍କ। ସମସ୍ତଙ୍କୁ ତ ସମାନ ଗୁରୁତ୍ୱ ଦେଇ ହେବନାହିଁ। କିନ୍ତୁ ବହିଟି କିପରି ସବୁ ଚରିତ୍ରକୁ ଛୁଇଁବ, ମାଲିକ ଓ ଲେଖକମାନେ ଚିନ୍ତା କରିବା କଥା। ଫଳରେ ନାଟକ ଭଲ ହେବ, କଳାକାର ରୁଚି ଅନୁସାରେ କାମ ପାଇବ ଓ ଲୋକେ ମଧ୍ୟ ଆଉ ମୁହଁ ଫେରାଇବେ ନାହିଁ।

**- ଖଣ୍ଡଗିରିକୁ ନେଇ ଆପଣଙ୍କ ମତାମତ କଣ?**

ବିଭିନ୍ନ ସ୍ଥାନରେ ଯାତ୍ରା କରୁଥିଲେ ମଧ୍ୟ ଖଣ୍ଡଗିରି ଆମ ପାଇଁ ମହାଯୁଦ୍ଧ। ଖଣ୍ଡଗିରି ଛାଡ଼ିବା ପରଠାରୁ ପୁଣିଥରେ ଆସିବା ପର୍ଯ୍ୟନ୍ତ ନିଜ ସବୁବେଳେ ପ୍ରସ୍ତୁତ ହେଉଥାଉ। ବଛା ବଛା ପାର୍ଟି, ରାଜ୍ୟ ବାହାରର ଦର୍ଶକଙ୍କ ଭିତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାକୁ ପଡ଼ିବ।

**- କଳାକାର କାହାପାଇଁ ପ୍ରସିଦ୍ଧି ଲାଭ କରେ?**

ଉ- ଦିନକରେ କାହାକୁ ସଫଳତା ମିଳେନି, କଳାକାର ପ୍ରଥମେ ନିଜ ଉପରେ ବିଶ୍ୱାସ କରିବାର ଅଛି। ବାଛବିଚାର ନ କରି ଯେତେବେଳେ ଯେଉଁ ଚରିତ୍ର ମିଳୁଛି, ତାକୁ ଭଲରେ ନିଭାନ୍ତୁ। ଏମିତି ଏକ ସମୟ ଆସିବ ଆପଣ ପ୍ରସିଦ୍ଧ ହେବେ।

**- ଖଳନାୟକ ଭୂମିକା ସହ ମ୍ୟାଜିକକୁ କାହିଁକି ବାଛିଲେ?**

ଉ- ଆପଣ ଯେତେ ସଫଳତା ପାଇଲେ ବି ମୂଳ କଥାକୁ ଭୁଲି ନ ଯିବା ଦରକାର। ମ୍ୟାଜିକ ହେଉଛି ମୋର ପ୍ରଥମ ପରିଚୟ, ମୁଁ ଯେଉଁ ଚରିତ୍ର କଲେ ମଧ୍ୟ ମ୍ୟାଜିକ ଛାଡ଼ିବା କଥା ଚିନ୍ତା କରିନାହିଁ। ଦର୍ଶକମାନେ ମଧ୍ୟ ମୋତେ ମ୍ୟାଜିସିଆନ୍ ଭାବେ ଜାଣିଥିଲେ ଓ ମ୍ୟାଜିକ ଦ୍ୱାରା ଘଟଣା ସତ ଭଳି ଲାଗେ। ସେଥିପାଇଁ ଖଳନାୟକ ଚରିତ୍ର ସହ ମ୍ୟାଜିକ କରୁଛି।

# ସାରାଦିନ ଭିଡ଼; ସନ୍ଧ୍ୟାହେଲେ ଅସମ୍ଭାଳ



ଭୁବନେଶ୍ୱର, ୩୦।୧(ସମିସ): ଷଷ୍ଠ ଦିନରେ ପହଞ୍ଚିଛି ଖଣ୍ଡଗିରି କୁମ୍ଭମେଳା। ସକାଳ ୧୦ଟାରୁ ଲୋକଙ୍କ ଲମ୍ବା ଲାଇନ୍ ଲାଗୁଛି। ଆଉ ସଞ୍ଜ ନଇଁଲେ ମେଳା ପରିସରକୁ ଛୁଟୁଛି ଲୋକଙ୍କ ସୁଅ।ମେଳା ଭିତରକୁ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଖୋଲିଥିବା ଉଠା ବ୍ୟବସାୟୀଙ୍କ ବିଭିନ୍ନ ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ହରେକମାଲ ଗହଣା ଦୋକାନରେ ଜମୁଛି ଭିଡ଼। ତା ସାଙ୍ଗକୁ ବ୍ରେକଡ୍ୟାନ୍ସ, ଘୋଡ଼ାଚର୍କି, ଟଏଟ୍ରେନ୍ ଆଦିର ମଜା ନେଉଛନ୍ତି ଗ୍ରାହକ। ତେବେ ସବୁଠାରୁ ଅଧିକ ଭିଡ଼ ଜମୁଛି ଖାଦ୍ୟ ଷ୍ଟଲ୍‌ରେ। ଗୁପଚୁପ୍, ଚାଟ୍, ଦହିବରା ସାଙ୍ଗକୁ ମଥୁରା କେକ୍, ସିମଲା ଲଙ୍କା ଚପ୍, ଠୁଙ୍କା ପୁରୀ, ପାମ୍ପୁଡ଼ି ଚାଟ୍, ଝାଲ ମୁଢ଼ୀ ସହ ଶୁକ୍ରବାର ଆମିଷ ବାରରେ ଚିକେନ୍ ପକୋଡ଼ା, ଅଣ୍ଡା ଚପ୍, ଚାଓମିନ୍, ରୋଲ୍, ବିରିୟାନି, ଇନଷ୍ଟାଣ୍ଟ ପିଜା ଖାଇବାକୁ ଭିଡ଼ ଜମାଉଛନ୍ତି ଲୋକେ। ସେହିପରି ଆଇସକ୍ରିମ୍ ଦୋକାନରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ତେବେ ରାତିରେ ଅଧିକ ଭିଡ଼ ହେଉଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ସନ୍ଧ୍ୟା ପୂର୍ବରୁ ମେଳା ବୁଲି ଚାଲିଯାଉଥିବା କହିଛନ୍ତି। ଏପଟେ ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନୀ ସହ ଭକ୍ତଙ୍କ ହରିବୋଲ ହୁଳହୁଳିରେ ମେଳା ପରିସର କମ୍ପି ଉଠୁଛି। ଅନ୍ୟପଟେ ଦର୍ଶକଙ୍କ ମେଳିରେ ଦୁଲୁକୁଛି ମୀନା ବଜାର।

## କାଠ ନିର୍ମିତ ସାମଗ୍ରୀ କିଣିବାକୁ ଭିଡ଼

କାଠରେ ତିଆରି ବିଭିନ୍ନ ସାମଗ୍ରୀର ଚାହିଦା ବେଶ୍ ଅଧିକ ରହିଛି। ମେଳାରେ କାଠରେ ତିଆର ଦେବାଦେବୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବହାରିକ ଘରକରଣା ଜିନିଷ ସାଙ୍ଗକୁ ଘର ସଜାଇବାକୁ ନିଜ ମନ ପସନ୍ଦର ଜିନିଷ କିଣୁଛନ୍ତି ଲୋକେ। ଏହି ଷ୍ଟଲରେ ମହିଳାଙ୍କ ଅଧିକ ଭିଡ଼ ଜମୁଛି। କାଠରେ ନିର୍ମିତ ଚାବି ରିଙ୍ଗ୍ ଠାରୁ ଆରମ୍ଭ କରି ଫୁଲଦାନୀ, ୱାଲ ହ୍ୟାଙ୍ଗିଙ୍ଗ୍, ହେମଦସ୍ତା, ଗ୍ଲାସ୍, ପ୍ଲେଟ୍, ଜୀବଜନ୍ତୁ ଆଦିଙ୍କ ପସରା ମେଲାଇ ବସିଛନ୍ତି ବ୍ୟବସାୟୀ। ଏସବୁର ଦାମ୍ ୨୦୦ଟଙ୍କାରୁ ଆରମ୍ଭ ହୋଇ ୪ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କଲିକତାରୁ ଆସିଥିବା ଏହି ବ୍ୟବସାୟୀ କହିଛନ୍ତି ଯେ, ପ୍ରାୟ ୧୦ ବର୍ଷ ହେବ ମୁଁ ଏଠାକୁ ବ୍ୟବସାୟ କରିବାକୁ ଆସେ। ମୁ ନିଜେ କାଠରେ ବିଭିନ୍ନ ସାମଗ୍ରୀ ତିଆରି କରିଥାଏ। ଫଳରେ ଲୋକମାନେ ମୋ ପାଖରୁ ଜିନିଷ ନେବାକୁ ପସନ୍ଦ କରନ୍ତି। ତେବେ ମେଳା ଆରମ୍ଭରୁ ବ୍ୟବସାୟ ଭଲ ହେଉଥିବା ବେଳେ ଛୁଟି ଦିନରେ ଅଧିକ ବିକ୍ରି ହେଉଛି।

## ଆକର୍ଷଣ ପାଲଟିଛି ରଙ୍ଗୀନ ଫୁଲ ସମ୍ଭାର

ସାଧାରଣତଃ ଯେକୌଣସି ଫୁଲକୁ ଦେଖିଲେ ବେଶ୍ ଖୁସି ଅନୁଭବ ହୋଇଥାଏ। ଘର ଠାରୁ ଆରମ୍ଭ କରି ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟ ହେଉ ଅବା ବ୍ୟକ୍ତିଗତ କର୍ମସ୍ଥଳରେ ଆଜିକାଲି ଫୁଲ ଓ ବିଭିନ୍ନ ଗଛରେ ସଜାଯିବା ଟ୍ରେଣ୍ଡ ପାଲଟିଛି। ତେବେ ଏହାକୁ ନଜରରେ ରଖି ବ୍ୟବସାୟୀମାନେ ପ୍ଲାଷ୍ଟିକ୍ ଫୁଲ ବିକ୍ରି କରୁଛନ୍ତି। ଯାହା ଆଖିକୁ ଯେତିକି ସୁନ୍ଦର ଦିଶୁଛି ଦାମ୍ ମଧ୍ୟ ସୁହାଇଲା ଭଳି ରହିଛି। ତେବେ ମେଳା ପରିସରରେ ରାଜସ୍ଥାନରୁ ଆସିଥିବା ଫୁଲ ବ୍ୟବସାୟୀ କହିଛନ୍ତି ଏଠାରେ ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଫୁଲ ରହିଛି। କାଗଜ, ସୋଲ, କପଡ଼ା, ଫ୍ୟାନ୍ସି ଆଇଟମ୍, ବିଭିନ୍ନ ରଙ୍ଗର ଗୋଲାପ ଠାରୁ ଆରମ୍ଭ କରି ସୂର୍ଯ୍ୟମୁଖୀ, ଡାଲିଆ, ଜିନିଆ, ରଜନୀଗନ୍ଧା, ଗେଣ୍ଡୁ, ମନ୍ଦାର, ଅର୍କିଟ୍ ଆଦି ବିଦେଶୀ ଫୁଲ ମଧ୍ୟ ରହିଛି। ତେବେ ଏହି ଫୁଲର ସମ୍ଭାର ମେଳା ପରିସରରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ତେବେ ଏଠାରେ ଯେଉଁମାନେ ଚାହିଁବେ ଗୋଟିଏ ଫୁଲ ନେଇପାରିବେ କିମ୍ବା ଘର ସଜାଇବାକୁ ଫୁଲ, ଡାଳ, ପତ୍ର ଆଦି ସଜାଇ ନେଇପାରିବେ। ଫୁଲ ସାଙ୍ଗକୁ ଏଠାରେ ଫୁଲଦାନୀ ମଧ୍ୟ ରହିଛି।




**● ଅନ୍ତର୍ଜାତୀୟ ଐରଖାରବେଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

## ନୃତ୍ୟରେ ସଜି ରାଉତରାୟଙ୍କ 'ଛୋଟ ମୋର ଗାଁ ଟି'



ଭୁବନେଶ୍ୱର, ୩୦।୧(ସମିସ): ଖଣ୍ଡଗିରି ପାଛିକାଠାରେ ଐରଖାରବେଳ ମହୋତ୍ସବ କମିଟି ଏବଂ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଅନ୍ତର୍ଜାତୀୟ ଐରଖାରବେଳ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂ ଓ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ମୁଖ୍ୟ ସଚେତକ ସରୋଜ ପାଢ଼ୀ ଯୋଗ ଦେଇ ଉଦଘାଟିତ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଏକାମ୍ର ବିଧାୟକ ଶ୍ରୀ ସିଂ କହିଛନ୍ତି ଯେ ଆନ୍ତର୍ଜାତୀୟ ଐରଖାରବେଳ ମହୋତ୍ସବ ଆସନ୍ତା କାଲି ଉଦଯାପିତ ହେବ। ଏଥିରେ ଦେଶ ଓ ବିଦେଶର ବହୁ ସୁନାମ ଧନ୍ୟ କଳାକାରମାନେ ଯୋଗ ଦେଇଛନ୍ତି। ଶୁକ୍ରବାର ମଞ୍ଚରେ ପଦ୍ମଶ୍ରୀ ସଚିରାଉତରାୟଙ୍କ ଛୋଟ ମୋର ଗାଁ ଟି ନୃତ୍ୟ ସହରୀ ଲୋକଙ୍କୁ ଗ୍ରାମ୍ୟ ଜୀବନ ଅନୁଭୂତି ଦେଇଥିଲା, ନୂପର ଡାନ୍ସ ଏକାଡେମୀ ପକ୍ଷରୁ ପାରମ୍ପରିକ ଦେଶାତ୍ମବୋଧ, ଆରାଧନା ଡାନ୍ସ ଏକାଡେମୀ ପକ୍ଷରୁ ଗୋଟିପୁଅ ନୃତ୍ୟ, ମୋଇନୁଲ ହାକକ୍ୱେ ପକ୍ଷରୁ ମିନି ଆଟ୍ ଗୋୱାଟି, ମୟୂରଭଞ୍ଜର ଲୋକ ନୃତ୍ୟ, ପଲ୍ଲୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଅନ୍ତର୍ଜାତୀୟ ନୃତ୍ୟ ଗବେଷକ ତଥା ଅନୁଚିନ୍ତନମର ପ୍ରତିଷ୍ଠାତା ଡାଃ ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର, ରାମଚନ୍ଦ୍ର ରଣସିଂ, ଅପର୍ତି ସୁନ୍ଦରାୟ, ଜିତୁ ପଟ୍ଟନାୟକ, ସୁରେନ୍ ଛୁଆଳସିଂ, ସୁମିତ୍ରା ଆଚାର୍ଯ୍ୟ, କେଦାର ରଣସିଂ, ଭଗବାନ ସାହୁ, ମନୋଜ ପାତ୍ର, ଅମ୍ବିକା ମହାରଣା, ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଭୁବନେଶ୍ୱର ସିଟି

# ଆଦିବାସୀ ମେଳାରେ ଜନଜାତି ଗାଁର ଦୃଶ୍ୟ

ଭୁବନେଶ୍ୱର, ୩୦।୧(ସମିସ): ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬' ପଞ୍ଚମ ଦିନରେ ପହଞ୍ଚିଛି। ମେଳା ପରିସରରେ ଆଦିବାସୀଙ୍କ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀ



କିଣିବାକୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଜନଜାତିଙ୍କ ଜୀବନଶୈଳୀକୁ ଅତି ନିକଟରୁ ଦେଖିବାର ସୁଯୋଗକୁ ହାତଛଡ଼ା କରୁ ନାହାନ୍ତି ରାଜଧାନୀବାସୀ। ନିଜ ମନ ପସନ୍ଦର ସାମଗ୍ରୀ କିଣିବା ସହ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସେଲଫି ନେବାକୁ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ମେଳା ପରିସରରେ କିଣାକିଣି ସାଙ୍ଗକୁ ଗ୍ରାହକଙ୍କ ମନୋରଞ୍ଜନ ନିମନ୍ତେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ପରିବେଷିତ ହେଉଛି ଜନଜାତିଙ୍କ ବିଭିନ୍ନ ପାରମ୍ପରିକ ନୃତ୍ୟ।

### 'ମାତୃ ଶିଶୁ ପୋଷଣ କେନ୍ଦ୍ର'

ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ଜନଜାତିମାନଙ୍କ ପାଇଁ ଭରସା ପାଲଟିଛି 'ମାତୃ ଶିଶୁ ପୋଷଣ କେନ୍ଦ୍ର'। ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ଏଥିପାଇଁ ପ୍ରତ୍ୟେକ ପରିବାରର ମହିଳାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ନିୟମିତ ଜଙ୍ଗଲକୁ ବିଭିନ୍ନ ଉତ୍ପାଦ ସଂଗ୍ରହ କରିବାକୁ ଯାଇଥାନ୍ତି। ଏହି ସମୟରେ ଛୋଟ ଛୋଟ ପିଲାମାନଙ୍କୁ ଏକାକୀ ଛାଡ଼ିକି ଯିବା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଥିବା ବେଳେ ଭରସା ସାଜିଛି 'ମାତୃ ଶିଶୁ ପୋଷଣ କେନ୍ଦ୍ର'। ଯେଉଁଠାରେ ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ଉତ୍ତମ ସ୍ୱାସ୍ଥ୍ୟର ଯତ୍ନ ନିଆଯାଉଛି। ଏହାଦ୍ୱାରା କୁପୋଷଣ ଦୂର ହେବା ସହିତ ଏହାର ଶିକାର ହେଉଥିବା ଗର୍ଭବତୀ ମହିଳା ଓ ଶିଶୁମାନେ ଲାଭବାନ ହୋଇଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ମେଳା ପରିସରରେ ନିର୍ମାଣ ହୋଇଥିବା କୁଟିଆ କନ୍ଧ କୁଟୀରରେ 'ମାତୃ ଶିଶୁ ପୋଷଣ କେନ୍ଦ୍ର' ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ଏନେଇ କୁଟିଆ କନ୍ଧ ଦମ୍ପତି କହିଛନ୍ତି, ଆମେ ସ୍ୱାମୀ ସ୍ତ୍ରୀ ପ୍ରତିଦିନ ଜଙ୍ଗଲକୁ ଝୁଣା, ଗୋଲମରିଚ, ହଳଦୀ, ଲାଖ ଆଦି ବିଭିନ୍ନ ସାମଗ୍ରୀ ଆଣି ବଜାରରେ ବିକ୍ରି କରିବା ନିତିଦିନିଆ କାମ। ହେଲେ ଛୋଟ ଶିଶୁର ଦାୟିତ୍ୱ ନେବାକୁ କେହି ନଥିଲେ। ଏହି କେନ୍ଦ୍ର ନିର୍ମାଣ କରାଯିବା ପରେ ଏବେ ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ୬ରୁ ୭ଘଣ୍ଟା ଜଙ୍ଗଲରୁ ଜିନିଷ ସଂଗ୍ରହ



କରି ଫେରୁଛୁ। ସବୁଠୁ ବଡ଼କଥା ହେଉଛି କେନ୍ଦ୍ରରେ ୬ଜଣ କର୍ମଚାରୀ ଦାୟିତ୍ୱ ନେବାକୁ ରହିଥିବା ବେଳେ ପିଲାମାନଙ୍କୁ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି। ଏହା ଆମ ଭଳି ଆଦିବାସୀ ମାନଙ୍କ ପାଇଁ ବହୁ ମୂଲ୍ୟବାନ ହୋଇଛି। ରାଜ୍ୟର ୧୭ଟି ମାଇକ୍ରୋ ପ୍ରୋଜେକ୍ଟ ଏରିଆରେ ୧୩ଗୋଟି ଆଦିମ ଜନଜାତିଙ୍କ ପାଇଁ ଶିଶୁ ଓ ମାତୃ ସୁରକ୍ଷା ପୋଷଣ ବିକାଶ ଦିଗରେ ପୂର୍ବ ସରକାର ପଦକ୍ଷେପ ନେଇଛନ୍ତି। ଏହି କେନ୍ଦ୍ରରେ, ପଢ଼ାପୃଷ୍ଟି, ଗର୍ଭବତୀ, ପ୍ରସୂତି ମାଆମାନଙ୍କ ନିମନ୍ତେ ପୁଷ୍ଟିକର ଖାଦ୍ୟପେୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଏହାର ପରିଚାଳନା ପାଇଁ ଉକ୍ତ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ୬ମାସ ରୁ ୩ବର୍ଷ ବୟସର ପିଲାମାନଙ୍କୁ ମା'ମାନେ ଏଠାରେ ଛାଡ଼ିବାର ସୁବିଧା ରହିଛି। ପ୍ରତିଦିନ ଏଠାରେ ସକାଳୁ ସନ୍ଧ୍ୟା ଯାଏ ପିଲାମାନଙ୍କ ଖାଇବା, ଶୋଇବା ବ୍ୟବସ୍ଥା ସାଙ୍ଗକୁ ଯଦି ଶରୀର ଅସୁସ୍ଥ ହୋଇଥାଏ ତୁରନ୍ତ ଚିକିତ୍ସା ପାଇଁ ମଧ୍ୟ ସୁବିଧା ଯୋଗାଇ ଦିଆଯାଉଛି। ରାଜ୍ୟର ପ୍ରଥମ କରି ମୟୁରଭଞ୍ଜ ଜିଲ୍ଲାରେ ଥିବା ଆଦିମ ଜନଜାତି ଖଡ଼ିଆ ଏବଂ ମାଙ୍କିଡ଼ିଆ ସମ୍ପ୍ରଦାୟର ଗର୍ଭବତୀ ମାଆ ଓ ଶିଶୁ ମାନଙ୍କ ପାଇଁ ଶିମିଳିପାଳ ପାଦଦେଶରେ ଥିବା ଯଶୀପୁର ବ୍ଲକ ଦୁର୍ଦ୍ଦୁରା ଗ୍ରାମରେ ପ୍ରଥମ କରି ଏକ ପୋଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି। ତେବେ ଏହି କେନ୍ଦ୍ରରେ ପ୍ରତିଦିନ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ମା'ମାନେ ନିଶ୍ଚିତରେ ଛାଡ଼ି ସକାଳୁ ସଞ୍ଜ ଯାଏଁ ଜଙ୍ଗଲକୁ ଯାଇପାରୁଛନ୍ତି। ଏଥିପାଇଁ ସେ ପୂର୍ବ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ବିଜେଡି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ




ଭୁବନେଶ୍ୱର, ୩୦।୧(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମହାତ୍ମା ଗାନ୍ଧୀ ପାର୍କ ଠାରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭାତ ଫେରିଟି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ରାମଧୂନ ଗାନ ସହିତ ବିଭିନ୍ନ ସ୍ଲୋଗାନ୍ ଦିଆଯାଇଥିଲା। ସୃଷ୍ଟିରେ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଗାନ୍ଧୀ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରାସଙ୍ଗିକ ହୋଇ ରହିଥିବେ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ।। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ କିଶୋର ପଣ୍ଡା, ଅନୁପମା ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ବିଶ୍ୱଜିତ୍ ପଟ୍ଟନାୟକ, ରାଣୀ ଚମ୍ପତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁମିତ୍ରା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଆଞ୍ଚଳିକ ବିଦ୍ୟାଳୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୩୦।୧ (ସମିସ): ସାଧାରଣ ତନ୍ତ୍ର ଦିବସ ଅବସରରେ ନିତ୍ୟାନନ୍ଦପୁର ଗାଁ ସ୍ଥିତ ଶାସ୍ତ୍ରୀ ସ୍ମୃତି ପାଠାଗାର ଦ୍ୱାରା ଆଞ୍ଚଳିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଆୟୋଜିତ ହୋଇଛି।



ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଲା। ପୁରସ୍କାର ଆକାରରେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଅଭିଧାନ, ସାଧାରଣ ଜ୍ଞାନ ପୁସ୍ତକ, ବ୍ୟାକରଣ ପୁସ୍ତକ, ରଚନା ଓ ପତ୍ର ଲିଖନ ପୁସ୍ତକ ଆଦି ଦିଆଯାଇଥିଲା। ଆଇନ୍‌ଜିବୀ ବାଇଧର ସାହୁ ହନୁମାନ ଚାଳିଶା ଓ ଶ୍ରୀମଦ୍ ଭଗବଦ୍ ଗୀତା ପିଲାମାନଙ୍କୁ ଯୋଗାଇ ଦେଇଥିଲେ। ଆଗାମୀ ଗ୍ରୀଷ୍ମ ଛୁଟି ଅବସରରେ ପିଲାମାନଙ୍କୁ ତାଙ୍କର ଭବିଷ୍ୟତ ପାଠ୍ୟକ୍ରମ ବାବଦରେ ମାର୍ଗଦର୍ଶନ ଦେବାର ଆୟୋଜନ କରାଯିବ। ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ମହାନ୍ତ, ଇଂ ରମେଶ ଚନ୍ଦ୍ର ନାଏକ, ତପନ କୁମାର ନାଏକ, ଲକ୍ଷ୍ମଣ କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ପିସିସି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୩୦।୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ନେତାମାନେ ଚନ୍ଦ୍ରଶେଖରପୁର ନାଲ୍‌କୋ ଛକସ୍ଥିତ ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ କଂଗ୍ରେସ ଭବନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମିର କୁମାର ରାଉତରାୟ, ଡ. ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

## ରୋଟାରୀ କ୍ଲବ୍ ତରଫରୁ ବିଶ୍ୱ କୁଷ୍ଠ ଦିବସ

ଭୁବନେଶ୍ୱର/ଯାଁଳା, ୩୦।୧(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍‌ସେ ପକ୍ଷରୁ ଶୁକ୍ରବାର ବିଶ୍ୱ କୁଷ୍ଠ ଦିବସ ଗାନ୍ଧୀ ଶାନ୍ତି ନିବାସ ଠାରେ ପାଳିତ ହୋଇଛି। ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ତରଫରୁ ରୋଟାରୀଆନ୍‌ମାନେ ଓଗଳପଡ଼ାସ୍ଥିତ ଗାନ୍ଧୀ କୁଷ୍ଠ ସେବାଶ୍ରମରେ ଉପସ୍ଥିତ ରହି ରୋଗୀମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିସହିତ ୩ ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କ ଆଜି ଦିନର ଖାଇବା ପାଇଁ ରାସନ୍ ପ୍ରଦାନ କରିଥିଲେ। ବିଏମ୍‌ସି ୬୫ ୱାର୍ଡର କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସମସ୍ତ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ରବୀନ୍ଦ୍ରନାଥ ସାହୁ, ଅଭିଳାଷ ପତି, ଗଗନ ବିହାରୀ ଦାଶ, ଅରବିନ୍ କୁମାର ଓ ଇସାନି ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶିଲୋ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲିଅନ୍ତା, ୩୦।୧(ସମିସ): ବାଲିଅନ୍ତା ବ୍ଲକ ଶିଶିଲୋ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଓ ବିଜୟ ରାମ ପ୍ରହରାଜ ମେଧାବୃତ୍ତି ସମ୍ମାନ - ୨୦୨୫/୨୬ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ରାଧାନାଥ ପ୍ରହରାଜ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ମାଗୁଣି ସେଠି, ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ପ୍ରାକ୍ତନ ଶିକ୍ଷକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସିଆରସିସି ବାଗିରଥି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଶୁଭଶ୍ରୀ ବେହେରାଙ୍କୁ ୧୫ ହଜାର ଏବଂ ପ୍ରୀତିପ୍ରଜ୍ଞା ଜେନାଙ୍କୁ ୧୦ ହଜାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସର୍ବେଶ୍ୱର ନାୟକ ସଭା ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ନାରାୟଣ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ 'ସମୃଦ୍ଧି' ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ସର୍ବଭାରତୀୟ 'ସମୃଦ୍ଧି' ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଏନ୍‌ସିଇଆରଟିର ଯୁଗ୍ମନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ଏହା ମତ ଦେବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ରେ କିଭଳି କଳାକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି ସେ ବିଷୟରେ ଅବଗତ କରାଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଜ୍ୟୋତ୍ସ୍ନା ତିୱାରୀ, ଡ଼. ଶବରୀ ବାନାର୍ଜୀ, ପ୍ରଫେସର ପବନ ସୁଧି, ପ୍ରଫେସର ଏସ୍‌ସି ପଣ୍ଡା ପ୍ରମୁଖ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ କୃତି ଶିକ୍ଷକଙ୍କୁ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଞ୍ଚଳିକ ସଂଯୋଜକ ପ୍ରଫେସର ରମାକାନ୍ତ ମାହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଷୟ ବେହେରା ଓ ଚନ୍ଦ୍ରଶେଖର ହୋତାଙ୍କୁ କଳାବୃତ୍ତି ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୩୦।୧(ସମିସ): ଗୋକୁଳ ଗୁରୁକୁଳ ଫାଉଣ୍ଡେସନ ତରଫରୁ ସଂସ୍କୃତି ବିଭାଗ ସହଯୋଗରେ କଳା, ସଂସ୍କୃତି ଓ ଐତିହ୍ୟର ଉତ୍ସବ କଳାବୃତ୍ତି ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଛି। କବି ଓ ରାଜନେତା ଦିବଂଗତ ଶଙ୍କର୍ଷଣ ପରିଡ଼ାଙ୍କୁ ସମର୍ପିତ ସାହିତ୍ୟ ଉତ୍ସବରେ ଡ. ଶକୁନ୍ତଳା ବଳିଆରସିଂହ ଓ ପ୍ରଫେସର ପ୍ରଫୁଲ୍ଲ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବି ଅକ୍ଷୟ ବେହେରା ଓ ସ୍ତମ୍ଭକାର ଡ. ଚନ୍ଦ୍ରଶେଖର ହୋତାଙ୍କୁ କଳାବୃତ୍ତି ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ କବି ଓ ସାହିତ୍ୟିକମାନେ ଯୋଗଦେଇ ଦିବଂଗତ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଶଙ୍କର୍ଷଣ ପରିଡ଼ାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପରେ ସମ୍ଭାବନା ସୁପର-୩୦ ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବରେ ଗୋଲକ ପ୍ରସାଦ ମହାପାତ୍ର, ଡ. ରବିନାରାୟଣ ସେନାପତି, ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଧନେଶ୍ୱର ସ୍ୱାଇଁ, ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ଥିଲେ। ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ଓଡିଶୀ କଣ୍ଠଶିଳ୍ପୀ ଗୁରୁ ଡ. ସଙ୍ଗୀତା ଗୋସାଇଁ, ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଡ. କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖଙ୍କୁ କଳାବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁପଦ ବଳିଆର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନନ୍ୟା ମିଶ୍ର ସଂଯୋଜନା କରିଥିଲେ ଏବଂ ଡା. ମାନଗୋବିନ୍ଦ ଶ୍ରୀଚନ୍ଦନ, ତ୍ରିଲୋଚନ ପଣ୍ଡା, ପ୍ରଶନ୍ନ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

## ସଙ୍ଗୀତ ମହାବିଦ୍ୟାଳୟର ଜାତୀୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୩୦।୧(ସମିସ): ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ଜାତୀୟସ୍ତରୀୟ ଆଲୋଚନାଚକ୍ର' ତୃତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ, ଛଉ ନୃତ୍ୟ ଗୁରୁ ଲୋକନାଥ ଦାସ ଓ ମର୍ଦ୍ଦଳ ଗୁରୁ ଜଗନ୍ନାଥ କୁଅଁର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଅଧିବେଶନରେ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ, ଓଡିଶୀ ନୃତ୍ୟର ପରିବେଷଣ ଶୈଳୀ ଓ ତାକୁ ପଥେୟ କରିଥିବା ଶିଳ୍ପୀ ମାନଙ୍କର ଜୀବନ ଚର୍ଯ୍ୟା ବାବଦରେ ସନ୍ଦର୍ଭ ପାଠ କରିଥିଲେ। ପରେ ଗୁରୁ ଲୋକନାଥ ଦାସ ଛଉ ନୃତ୍ୟର ଶୈଳୀ ଓ ପ୍ରକାର ଭେଦ ଉପରେ ଆଲୋଚନା କରିଥିଲେ। ଗୁରୁ ଡ. ଜଗନ୍ନାଥ କୁଅଁର ଓଡିଶୀ ମର୍ଦ୍ଦଳର ବାଦନ ଶୈଳୀ ଓ ପ୍ରକାର ଭେଦ ଏବଂ ତାଳ ମାନଙ୍କର ବିଭିନ୍ନ ବାଦନ ଶୈଳୀକୁ ପରିବେଷଣ କରି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଗୁରୁ ବିଭୁତି ଭୂଷଣ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

## 'ମିଡନାଇଟ' ମ୍ୟୁଜିକ୍ ଓ ଟ୍ରେଲର ରିଲିଜ୍

ଭୁବନେଶ୍ୱର, ୩୦।୧(ସମିସ): ଓଡ଼ିଆ ହରର୍ ଫିଲ୍ମ 'ମିଡ୍ ନାଇଟ୍'ର ମ୍ୟୁଜିକ୍ ଏବଂ ଟ୍ରେଲର୍ ରିଲିଜ ହୋଇଯାଇଛି। ମନୁ ଦ୍ୱିବେଦୀ ଫିଲ୍ମସ୍ ନିବେଦିତ ଏହି ଚଳଚ୍ଚିତ୍ରରେ ମନୁ ନିର୍ଦ୍ଦେଶନା ଦେଇଛନ୍ତି। ଗୀତ ଡ. ନିର୍ମଳ ନାୟକ ରଚନା କରିଥିବାବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ସଂଯୋଜନାରେ ପ୍ରସ୍ତୁତ ଗୀତ ଏକ ଆତ୍ମାର କାହାଣୀକୁ ଖୁବ୍ ଦର୍ଶାଇଛି। ଅନୁପ ଦ୍ୱିବେଦୀଙ୍କ ରଚିତ ଏହି କାହାଣୀରେ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଏଥିରେ ବିଭିନ୍ନ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ପ୍ରମୁଖ ଅଭିନୟ କରିଛନ୍ତି। ତେବେ ସିନେମାଟି ଫେବୃଆରୀ ୬ରେ ରିଲିଜ୍ ହେବାକୁ ଯାଉଛି।

## ସମ୍ ନର୍ସିଂ କଲେଜ ପକ୍ଷରୁ 'ରିଦିମ୍'

ଭୁବନେଶ୍ୱର, ୩୦।୧(ସମିସ): ସୋଆ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍ଏନ୍‌ସି)ର ୨୦୨୫-୨୬ ବ୍ୟାଚ୍‌ର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍ଏମ୍ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସ୍ୱେଚ୍ଛାସେବୀ ରତ୍ନପୂର୍ଣ୍ଣା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀ, ଭୁବନେଶ୍ୱର ଏମ୍ସ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ଡ. ଆଶା ପି. ସେଟ୍ଟୀ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ, ଏସ୍ଏନ୍‌ସି-୧ର ଡିନ୍ ପ୍ରଫେସର ସସ୍ମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଟ୍ ପ୍ରଫେସର ଦେବଜାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ଶପଥ ପାଠ କରାଇଥିଲେ। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ ସହ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏସ୍ଏନ୍‌ସିର ଚାଇଲ୍ଡ ହେଲଥ୍ ନର୍ସିଂ ବିଭାଗର ଆସୋସିଏଟ୍ ପ୍ରଫେସର ରୁବି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ରାଜଧାନୀରେ ବହୁଜନ ସମାଜ ପକ୍ଷରୁ ବିଶାଳ ସମାବେଶ

## ପ୍ରାମାଣିକ ଚଳଚ୍ଚିତ୍ର ରାମରାଜ୍ୟର ଶୁଭାରମ୍ଭ

ଭୁବନେଶ୍ୱର, ୩୦।୧(ସମିସ): ଆମ ପରିବାର ଓ ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳାରେ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାଧୁସନ୍ଥଙ୍କୁ ସେବା ଉଦ୍ଦେଶ୍ୟରେ ଉତ୍ତରୀୟ, ଅନ୍ନଦାନ ଓ କିଛି ଦକ୍ଷିଣା ଦେଇ ସଂଘ ପକ୍ଷରୁ ସେବା ଯୋଗା ଯାଇଥିଲା। ଏହି ଅବସରରେ ପ୍ରାମାଣିକ ଚଳଚ୍ଚିତ୍ର ରାମରାଜ୍ୟର ଶୁଭାରମ୍ଭ କରାଯାଇଥିଲା। କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ, ସୃଷ୍ଟି ସୌମେନ, ସିପ୍ରା ହୀରା, ଛୁଆ ବାବା, ପୂର୍ବତନ କର୍ପୋରେଟର ଅଶୋକ ସିଂହ, ପରେଶ ଚନ୍ଦ୍ର ମଙ୍ଗରାଜ, ମାନୀ ପଣ୍ଡା, ଆମ ପରିବାର ମୁଖ୍ୟ ସତ୍ୟବ୍ରତ ଜେନା, ଡ. ଜ୍ଞାନେନ୍ଦ୍ର ପଲାଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓଡ଼ିଶା ସମାଜସେବୀ ମହାସଂଘ ସଭାପତି ବାପୁ ଓଝା।

## ତିରୋଧାନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିଅନ୍ତା, ୩୦।୧(ସମିସ): ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଗାନ୍ଧୀ ତିରୋଧାନ ଦିବସ ପାଳିତ ହୋଇଯାଉଛି। ଶ୍ରୀଧର ଦାଶ, ଲକ୍ଷ୍ମୀଧର ବେହେରା ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ନିକୁଞ୍ଜ ବିହାରୀ ମନ୍ଦିର ଏବଂ ମହାତ୍ମା ସେତୁ ନିକଟସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୮ତମ ବଳିଦାନ ଦିବସ ଆଜି ପ୍ରତ୍ୟୁଷରେ ବାଲକାଟିସ୍ଥିତ ଗାନ୍ଧୀପୀଠରେ (ଯେଉଁଠାରେ ବାପୁଜୀ ଓଡ଼ିଶା ପଦଯାତ୍ରା ସମୟରେ ୧୯୩୪ ମସିହା ମଇ ମାସ ୧୨ ତାରିଖରେ ଅବସ୍ଥାନ କରିଥିଲେ) ଭକ୍ତିପୂର୍ଣ୍ଣ ପରିବେଶରେ ୧୯୩୪ ଗାନ୍ଧୀ ପଦଯାତ୍ରା ସ୍ମୃତି ସଂଗଠନ ପକ୍ଷରୁ ସଭାପତି ଆଡଭୋକେଟ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଗାନ୍ଧିବାଦୀ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରତ୍ୟୁଷରୁ ପ୍ରଭାତ ଫେରି ଓ ରାମଧୁନ ଗାୟନ ଶୋଭାଯାତ୍ରା ବଜାର ପରିକ୍ରମା କରି ଗାନ୍ଧୀପୀଠରେ ପହଞ୍ଚି ଗାନ୍ଧିଜୀ, ଗୋପବନ୍ଧୁ ଦାସ ଓ ସଂଗ୍ରାମୀ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡକ୍ଟର ରଜନୀ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅବସରପ୍ରାପ୍ତ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା, ପ୍ରକୃତି ପ୍ରେମୀ ଦୀନବନ୍ଧୁ ଭୋଇଙ୍କ ସମେତ ଗାନ୍ଧିବାଦୀ ମାନେ ଯୋଗ ଦେଇ ନିଜ ବକ୍ତବ୍ୟରେ ଗାନ୍ଧିବାଦ ହିଁ ଯୁଗେ ଯୁଗେ ବିଶ୍ୱଶାନ୍ତି ଓ ଆତଙ୍କବାଦର ବିଲୋପ ସାଧନରେ ଅହିଂସା ଅସ୍ତ୍ର ଭାବେ କାର୍ଯ୍ୟ କରିବ, ଗାନ୍ଧୀଙ୍କ ଖଦୀ ଓ କୁଟୀର ଶିଳ୍ପ ଚିନ୍ତାଧାରା ହିଁ ସମସ୍ତଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଆଡଭୋକେଟ ମୃଗାଙ୍କମୌଳି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ରାଜଧାନୀରେ ମୟୂରଭଞ୍ଜ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୩୦।୧(ସମିସ): ମୟୁରଭଞ୍ଜ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଉତ୍କଳ ମଣ୍ଡପଠାରେ ଆୟୋଜିତ ତିନିଦିନିଆ ମୟୂରଭଞ୍ଜ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୟୂରଭଞ୍ଜ ସଂସଦର ସଭାପତି ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଞ୍ଜିନିୟର ଗଣେଶ ରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝି, ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଓ ସ୍ୱରୂପ ରଞ୍ଜନ ଦାସ




ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୟୂରଭଞ୍ଜ ଉତ୍ସବର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ଅଡ଼ିଓ-ଭିଜୁଆଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା ମୟୂରଭଞ୍ଜ ସଂସଦର ଶୀର୍ଷକ ସଙ୍ଗୀତ। ପରେପରେ ବାରିପଦାସ୍ଥିତ ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ମୟୁରଭଞ୍ଜ ଛଉନୃତ୍ୟ, ରାଇରଙ୍ଗପୁରର ଆରଏମ୍ଏସ୍ ଝୁମର ସଙ୍ଗୀତ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଝୁମର ନୃତ୍ୟ, ଭୁବନେଶ୍ୱର ସ୍ଥିତ ମୟୁରଭଞ୍ଜ ଆଦିମ ଆଦିବାସୀ ସଂଘ ଦ୍ୱାରା ପାରମ୍ପରିକ ସାନ୍ତାଳୀ ନୃତ୍ୟ, ବାରିପଦାର ଆଇଡିଏସ୍ ଡ୍ୟାନ୍ସଗ୍ରୁପ୍ ଏବଂ ଡ୍ରପ ବିଟ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଆଧୁନିକ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଚ୍ଛଦପଟ ଗାୟକ ବିଷ୍ଣୁମୋହନ କବି ଏବଂ ହଂସରାଜ ଦାସ। ଉତ୍ସବ ପରିସରରେ ମୁଢ଼ି ମାଂସ, ଦଳାଖେଚୁଡ଼ି, ପିଠା ପସରା ସାଙ୍ଗକୁ କ୍ରାଫ୍ଟ୍ସ ମେଳାରେ ଖିଚିଙ୍ଗ୍‌ର ପଥର ବାସ, ମୟୂରଭଞ୍ଜର ଟସର ଉପରେ ସ୍ୱତନ୍ତ୍ର ଷ୍ଟଲ ରହିଛି। କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦ ଚିନ୍ମୟ ଦାସ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଅଭିନେତା ସୁକାନ୍ତ ରଥ। ଶେଷରେ ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA
ଶନିବାର ୩୧ ଜାନୁଆରୀ ୨୦୨୬ | ୦୯


## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୬ ● ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୫୫ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୫,୧୦୦ (ଭୁବନେଶ୍ୱର)
- ରୁପା : ୩,୮୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୨୬୯.୦୦
- ନିଫ୍ଟି ୨୫,୩୨୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### 'ରେଷ୍ଟ ଅଫ ୱାର୍ଲ୍ଡ' ରିପୋର୍ଟ

# ଆଇଟି କର୍ମଚାରୀଙ୍କ ପାଇଁ ଅବସାଦ ଆଣୁଛି ଏଆଇ

**ନୂଆଦିଲ୍ଲୀ,୩୦ା୧(ଏଜେନ୍ସି):** ୨୦୧୭-୨୦୨୫ ମଧ୍ୟରେ ଦେଶରେ ୨୨୭ ଜଣ ଆଇଟି କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ, ଚେନ୍ନାଇର ଏକ ସଫ୍ଟୱେର କମ୍ପାନୀର ମ୍ୟାନେଜର ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ କହିଥିଲା। ସେହିଭଳି ପୁଣେରେ ଜଣେ ୩୬ ବର୍ଷୀୟ ଆଇଟି କର୍ମଚାରୀ ନଦୀକୁ ଡେଇଁ ଜୀବନ ହାରିଥିଲେ। ଆଉ ଜଣେ ୩୮ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲେ। ସେ ମଧ୍ୟ କାର୍ଯ୍ୟରେ ଅଧିକ ଚାପ ଯୋଗୁଁ ଜୀବନ ହାରିଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଭାରତୀୟ ଆଇଟି କର୍ମଚାରୀଙ୍କ ଜୀବନରେ ଅତ୍ୟଧିକ ଅବସାଦ ଆଣୁଛି। ଏହି ଚିନ୍ତାରେ ଆଇଟି କର୍ମଚାରୀମାନେ



ଆତ୍ମହତ୍ୟା କରୁଛନ୍ତି। ଏସବୁ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା 'ରେଷ୍ଟ ଅଫ ୱାର୍ଲ୍ଡ' ରିପୋର୍ଟରୁ ଜଣାପଡ଼ିଛି। ଏଭଳି ଚିନ୍ତା କର୍ମଚାରୀଙ୍କ ମଧ୍ୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି।

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଖଡ଼ଗପୁର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂର ବରିଷ୍ଠ ପ୍ରଫେସର ଜୟନ୍ତ ମୁଖୋପାଧ୍ୟାୟ ରେଷ୍ଟ ଅଫ୍ ୱାର୍ଲ୍ଡକୁ କହିଛନ୍ତି ଯେ, ଏଆଇ ଯୋଗୁଁ ଟେକ୍ କର୍ମଚାରୀମାନେ ସେମାନଙ୍କ ଚାକିରି ବିଷୟରେ ଏକ ବିରାଟ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ଏହା କମ୍ପାନୀଗୁଡ଼ିକୁ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଯୁକ୍ତିବିଦ୍ୟାରେ ନିବେଶ କରିବାକୁ ପ୍ରେରଣା ଦେଇଛି। ରିପୋର୍ଟରେ କୁହାଯାଇଛି ଯେ, ପ୍ରବେଶ-ସ୍ତରୀୟ ଚାକିରିଗୁଡ଼ିକ ସର୍ବାଧିକ ବିପଦରେ ଅଛି ଏବଂ ଭାରତର ଆଇଟି

### ଆତ୍ମହତ୍ୟା ଆଡକୁ ଟାଣିହେଉଛନ୍ତି କର୍ମଚାରୀ

ଶିଳ୍ପ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ୨୦୨୫ରେ, ଆମେରିକାର ଟେକ୍ନୋଲୋଜି କ୍ଷେତ୍ର ୧.୫ ଲକ୍ଷ ଚାକିରି ହ୍ରାସ କରିଥିଲା।

କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଆଇଟି ସହାୟକ ପ୍ରଫେସର ଆଦିତ୍ୟ ବଶିଷ୍ଠଙ୍କ ଅନୁସାରେ, ଗ୍ରାହକ ସେବା ପ୍ରତିନିଧି ଭଳି ଚାକିରି ପ୍ରଥମେ ପ୍ରଭାବିତ ହୋଇପାରେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଚାପ ଏବଂ ଆମେରିକା-ଭାରତ ବାଣିଜ୍ୟିକ ସମ୍ପର୍କର ଉତ୍ତେଜନା ମଧ୍ୟରେ ଟିସିଏସ୍ ଗତ ବର୍ଷ ଅକ୍ଟୋବରରେ ପ୍ରାୟ ୨୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। କମ୍ପାନୀ ଏଆଇଏବଂ ସ୍ୱୟଂଚାଳିତ ସେବା ଆଡକୁ ଅଗ୍ରସର ହେଉଥିବାରୁ ଏହା ମାର୍ଚ୍ଚ ୨୦୨୬ ସୁଦ୍ଧା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ଦୁଇ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ, କାର୍ଯ୍ୟ ଘଣ୍ଟା ବୃଦ୍ଧି ଯୋଗୁଁ କର୍ମଚାରୀମାନେ ଏକାକୀ ହୋଇଯାଉଛନ୍ତି ଏବଂ ଯେଉଁମାନେ ନିଯୁକ୍ତି ପାଉଛନ୍ତି ସେମାନେ ନିରନ୍ତର ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି। ଏହି ସବୁ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଉଥିବା କର୍ମଚାରୀଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନିଅନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

### ମୂଲ୍ୟ ବୃଦ୍ଧି ସହ ବଢ଼ିଛି ସୁନାରେ ନିବେଶ

# ବାର୍ଷିକ ୫୫ କୋଟିରୁ ଅଧିକ ଡଲାରର ସୁନା କାରବାର

**ନୂଆଦିଲ୍ଲୀ,୩୦ା୧(ଏଜେନ୍ସି):** ଗତ ବର୍ଷ ବିଶ୍ୱରେ ସୁନା ଚାହିଦା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ଏକ ନୂଆ ଇତିହାସ ସୃଷ୍ଟି କରିଛି। ୨୦୨୫ରେ ମୋଟ ସୁନା ଚାହିଦା ୫୦୦୨ ଟନ୍‌ରେ ପହଞ୍ଚିଛି, ଯାହାକି ଏବେ ସୁଦ୍ଧା ସର୍ବାଧିକ। ବିଶ୍ୱ ସୁନା ପରିଷଦ ୨୦୨୫ ରିପୋର୍ଟ ଅନୁଯାୟୀ, ବିଶ୍ୱସ୍ତରରେ ଲାଗିରହିଥିବା ଆର୍ଥିକ ଏବଂ ରାଜନୈତିକ ଅସ୍ଥିରତା ଯୋଗୁଁ ନିବେଶକମାନେ ସୁନା ଉପରେ ଅଧିକ ଭରସା କରିଛନ୍ତି। ସେହିଭଳି ବିଶ୍ୱସ୍ତରରେ ଗତବର୍ଷ ମୋଟ ନିବେଶ ଚାହିଦା ୨୧୭୫ ଟନ୍ ରେକର୍ଡ କରାଯାଇଛି। ଫଳରେ ସୁନାରେ ବିପୁଳ ନିବେଶ ହେବା ସହ ଏହାର ବାର୍ଷିକ କାରବାର ମୂଲ୍ୟ ୫୫୫ ବିଲିୟନ

ଡଲାର ବା ୫୫.୫ କୋଟି ଟଙ୍କା ଛୁଇଁଛି। ଅନ୍ୟପକ୍ଷରେ ଏହି ତ୍ରୈମାସିକରେ ଭାରତରେ ମୋଟ ନିବେଶ ଚାହିଦା ୨୬% ବୃଦ୍ଧି ପାଇ ୯୬ ଟନ୍ ହୋଇଛି। ମୂଲ୍ୟ ହିସାବରେ ଦେଖିଲେ ଏହା ପ୍ରାୟ ଦୁଇଗୁଣ ବଢ଼ି ୧,୨୦,୭୦୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧୦୮% ଅଧିକ। ଭାରତୀୟ ନିବେଶକମାନେ ଭବିଷ୍ୟତର ସୁରକ୍ଷା ପାଇଁ ଏବେ ସୁନା ଉପରେ ଅଧିକ ଭରସା କରୁଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ବରିଷ୍ଠ ବଜାର ବିଶ୍ଲେଷକ ଲୁଇସ୍ ଷ୍ଟ୍ରିଟଙ୍କ ମତରେ ବିଶ୍ୱରେ ଲାଗି ରହିଥିବା ଆର୍ଥିକ ଓ ରାଜନୈତିକ ସଙ୍କଟ ଏବେ ଏକ ସାଧାରଣ ଘଟଣା ପାଲଟିଛି, ତେଣୁ ଲୋକମାନେ ସୁନା କିଣିବା ଏବଂ ଗଚ୍ଛିତ ରଖିବାକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି, ସୁନା ଦର ୬୭% ବୃଦ୍ଧି ପାଇଥିଲେ ମଧ୍ୟ ଅଳଙ୍କାର ଚାହିଦା ମାତ୍ର ୧୮% ହ୍ରାସ ପାଇଥିଲା।

## ଫିଜିକ୍ସୱାଲା ପକ୍ଷରୁ ୧୦ମ ଶ୍ରେଣୀ ଆଶାୟୀଙ୍କ ପାଇଁ ଫ୍ରି ଡାଉଟ କ୍ଲିୟର ସୁବିଧା

**ଭୁବନେଶ୍ୱର,୩୦ା୧(ସମିସ):** ଶିକ୍ଷା ଅନୁଷ୍ଠାନ ଫିଜିକ୍ସୱାଲା (ପିଡବ୍ଲ୍ୟୁ) ୨୦୨୬ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାର୍ଥୀଙ୍କ ପାଇଁ ଏକ ନୂଆ ସହାୟତା କାର୍ଯ୍ୟକ୍ରମ ଘୋଷଣା କରିଛି। ଏଥିରେ ସାରା ଦେଶର ଛାତ୍ରଛାତ୍ରୀମାନେ ମାଗଣାରେ ନିଜର ଡାଉଟ କ୍ଲିୟର କରିପାରିବେ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ। ଏହି ସୁବିଧା କେବଳ ପିଡବ୍ଲ୍ୟୁ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ବରଂ ଦେଶର ସମସ୍ତ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଉପଲବ୍ଧ। ପରୀକ୍ଷା ସମୟରେ ପିଲାଙ୍କ ଉପରୁ ପାଠପଢ଼ା ଚାପ କମାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିକୁ ଆହୁରି ମଜବୁତ୍ କରିବା ପାଇଁ ପିଡବ୍ଲ୍ୟୁ ବିଜ୍ଞାନ ଓ ଗଣିତ ବିଷୟରେ ଅଫ୍‌ଲାଇନ୍ ପ୍ରି-ବୋର୍ଡ ପରୀକ୍ଷା କରାଇବ। ଏହି ପରୀକ୍ଷା ସାରା ଦେଶରେ ଥିବା ପିଡବ୍ଲ୍ୟୁର ବିଭିନ୍ନ ସେଣ୍ଟର (ଯଥା: ବିଦ୍ୟାପୀଠ, ପାଠଶାଳା ଏବଂ ଟ୍ୟୁସନ୍ ସେଂଟର) ଗୁଡ଼ିକରେ ଅନୁଷ୍ଠିତ ହେବ ବୋଲି ଫିଜିକ୍ସୱାଲାର ସିଇଓ ଅଙ୍କିତ ଗୁପ୍ତା କହିଛନ୍ତି।

## ଶ୍ୟାମ ମେଟାଲିକ୍ସ ପକ୍ଷରୁ କର୍ମଶାଳା

**ଭୁବନେଶ୍ୱର,୩୦ା୧(ସମିସ):** ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ତରଫରୁ ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶ୍ୟାମ ମେଟାଲିକ୍ସ ଲପାଙ୍ଗାର ଜିଏମ୍ ମାନବ ସମ୍ବଳ ଭୂପିନ୍ଦର ସିଂହ କୁଶୱାହା ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ ଏବଂ ଶ୍ୟାମ ମେଟାଲିକ୍ସ ର କାର୍ଯ୍ୟରତ ବୃତ୍ତିଗତ ଇଂଜିନିୟମାନଙ୍କୁ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମ କୃଷ୍ଣ ସାବତ ଡି ଆର୍ ଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଉପସ୍ଥାପନ କରିଥିଲେ।

### ଟ୍ରମ୍ପ-ଜେରୋମି ପାୱେଲ୍‌ଙ୍କ ବିବାଦର ଫଳ

# କେଭିନ ୱାର୍ସ ଫେଡେରାଲ ରିଜର୍ଭର ନୂଆ ଅଧ୍ୟକ୍ଷ

**ୱାଶିଂଟନ୍, ୩୦ା୧(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେଭିନ ୱାର୍ଶଙ୍କୁ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭର ପରବର୍ତ୍ତୀ ଅଧ୍ୟକ୍ଷ ଭାବରେ ମନୋନୀତ କରିଛନ୍ତି। ବର୍ତ୍ତମାନର ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରୋମ ପାୱେଲଙ୍କ କାର୍ଯ୍ୟକାଳ ଚଳିତବର୍ଷ ମେ' ମାସରେ ଶେଷ ହେବ। ତାଙ୍କ ପରେ କିଏ ହେବେ ତାହା ନିର୍ଣ୍ଣୟ କରିବା ପାଇଁ ସନ୍ଧାନ ଚାଲିଥିବାବେଳେ ଟ୍ରମ୍ପ ବର୍ତ୍ତମାନ କେଭିନ ୱାର୍ଶଙ୍କୁ ପରବର୍ତ୍ତୀ ଅଧ୍ୟକ୍ଷ ଭାବରେ ଚୟନ କରିଛନ୍ତି।ଲ କେଭିନ ୱାର୍ଶଙ୍କ ନିଯୁକ୍ତି ଏ ପର୍ଯ୍ୟନ୍ତ ଆମେରିକାର ସିନେଟ୍ ମଞ୍ଜୁରି ପାଇଁ ଅପେକ୍ଷାରତ। ଯଦି ସିନେଟ୍ ଦ୍ୱାରା ଅନୁମୋଦିତ ହୁଏ, ତେବେ କେଭିନ ୱାର୍ଶ ଫେଡେରାଲ ରିଜର୍ଭର ୧୭ତମ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ସେ ପୂର୍ବରୁ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ ଆମେରିକୀୟ ଫେଡେରାଲ ରିଜର୍ଭର



ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ଯଦି କେଭିନ ୱାର୍ଶ ଅଧ୍ୟକ୍ଷ ହୁଅନ୍ତି, ତେବେ ସେ ବିଶ୍ୱର ସର୍ବବୃହତ ଅର୍ଥନୀତି ପାଇଁ ମୁଦ୍ରା ନୀତି ନିଷ୍ପତ୍ତି ନେବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱର ସମ୍ମୁଖୀନ ହେବେ। ବର୍ତ୍ତମାନ, ତାଙ୍କୁ ଆମେରିକାରେ ମୁଦ୍ରାସ୍ଫୀତି ଚିନ୍ତା, ସୁଧ ହାର ନୀତି, ଆର୍ଥିକ ସ୍ଥିରତା ବଜାୟ ରଖିବା ଏବଂ ଆମେରିକା ଅର୍ଥନୀତି ଉପରେ ବିଶ୍ୱ ଅନିଶ୍ଚିତତାର ପ୍ରଭାବ ହ୍ରାସ କରିବା ଭଳି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ଏବଂ ସମାଧାନ କରିବାକୁ ପଡିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପଙ୍କ ଶପଥ ଗ୍ରହଣ ପରଠାରୁ ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରୋମ ପାୱେଲଙ୍କ ସହ ନିରନ୍ତର ବିବାଦ ଲାଗି ରହିଛି। ରାଷ୍ଟ୍ରପତି ଟ୍ରମ୍ପ ଚାହାଁନ୍ତି ଯେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ହ୍ରାସ କରୁ, କିନ୍ତୁ ପାୱେଲ କହିଛନ୍ତି ଯେ ସେ କାହାର ପରାମର୍ଶ ଉପରେ ଆଧାରିତ କୌଣସି ନିଷ୍ପତ୍ତି ନେବେ ନାହିଁ। ସେ ଅର୍ଥନୈତିକ ତଥ୍ୟ ଏବଂ ବିଶେଷଜ୍ଞଙ୍କ ସମୀକ୍ଷା କରିବା ପରେ ବିଶେଷଜ୍ଞମାନଙ୍କ ପରାମର୍ଶ ଆଧାରରେ ମୁଦ୍ରା ନୀତି ନିଷ୍ପତ୍ତି ନେବେ। ୫୫ ବର୍ଷୀୟ କେଭିନ ୱାର୍ଶ ବିଶ୍ୱ ଆର୍ଥିକ ସଙ୍କଟ ବିଶ୍ୱବ୍ୟାପୀ ଏକ ପ୍ରମୁଖ ଚାପ ସୃଷ୍ଟି କରୁଥିବା ସମୟରେ ସେ ଫେଡେରାଲ ରିଜର୍ଭ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ ନୀତିଠାରୁ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ, ମୁଦ୍ରା ରଣନୀତି ଏବଂ ନୀତି ପର୍ଯ୍ୟନ୍ତ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଛନ୍ତି।

## କାଟାଲାଇନ ପକ୍ଷରୁ ବ୍ଲାକସ୍ପଟ ଚିହ୍ନଟ ପାଇଁ ସ୍ୱତନ୍ତ୍ର ରଣନୀତି

**ଭୁବନେଶ୍ୱର,୩୦ା୧:** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଆୟୋଜନ କରିଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍) ଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏନଏଚଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍‌ର ସହଯୋଗରେ ଏହି ଅଧିବେଶନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନଏଚଏଆଇର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନଏଚଏଆଇ ଓଡ଼ିଶାର ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୩୬ କୋଟି ଗ୍ରାହକଙ୍କୁ ଛୁଇଁବ ଏୟାରଟେଲ ଆଡୋବି ଏକ୍ସପ୍ରେସ୍

**ନୂଆଦିଲ୍ଲୀ, ୩୦ା୧:** ଭାରତୀ ଏୟାରଟେଲ ଶୀଘ୍ର ଓ ସହଜ ଭାବେ ସବୁକିଛି ସୃଷ୍ଟି କରିପାରିବା ଆପ୍ 'ଆଡୋବି ଏକ୍ସପ୍ରେସ୍' ର ଶକ୍ତିକୁ ସାରା ଭାରତର ତାଙ୍କର ୩୬ କୋଟି ଗ୍ରାହକଙ୍କ ହାତରେ ପହଞ୍ଚାଇବାକୁ ଯାଉଛି। ଏହି ଐତିହାସିକ ଏବଂ ପ୍ରଥମ ଥର ପାଇଁ ହୋଇଥିବା ଏହି ଭାଗୀଦାରୀ ମାଧ୍ୟମରେ, ସମସ୍ତ ଏୟାରଟେଲ ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ସୋସିଆଲ୍ ଆସେଟ୍, ମାର୍କେଟିଂ ସାମଗ୍ରୀ, ଛୋଟ ଭିଡିଓ ଏବଂ ସେମାନେ ଯାହାକୁ ଶୀଘ୍ର ଓ ସହଜ ଭାବେ ଡିଜାଇନ କରିବାକୁ ଚାହାଁନ୍ତି, ସେସବୁ ସୃଷ୍ଟି କରିବା ପାଇଁ 'ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ୍' ର ଅଭିଗମ୍ୟତା ମିଳିବ। ପ୍ରାୟ ୪,୦୦୦ ଟଙ୍କା ମୂଲ୍ୟର 'ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ୍' ଏବେ ଗୋଟିଏ ବର୍ଷ ପାଇଁ ନିଶୁଳ୍କ ଉପଲବ୍ଧ ଥିବାରୁ, ସମସ୍ତ ଏୟାରଟେଲ ଗ୍ରାହକ ତାଙ୍କର ଡିଜାଇନ ଅଭିଜ୍ଞତା ଯେପରି ହେଉ, ନିଜ ସୃଜନାତ୍ମକ କ୍ଷମତାକୁ ପ୍ରକାଶ କରି ପେଶାଦାର ଗୁଣମାନର ବିଷୟବସ୍ତୁ ସୃଷ୍ଟି କରିପାରିବେ।

# ଅଲ୍ ନିୟୁ 'ଚେତକ୍ ସି୨୫' ବଜାରରେ

**ଭୁବନେଶ୍ୱର,୩୦ା୧(ସମିସ):** ବଜାଜ୍ ଅଟୋ ଲିମିଟେଡ୍ ପକ୍ଷରୁ ଅଲ୍ ନିୟୁ 'ଚେତକ୍ ସି୨୫'ର ବଜାର ପ୍ରବେଶ ହୋଇଯାଇଛି। ଖଣ୍ଡଗିରିସ୍ଥିତ ଏମ୍‌ଏସ୍‌ବି ଅଟୋମୋଟିଭ୍‌ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ କମ୍ପାନୀର ଏଏସ୍‌ଏମ୍(ସେଲ୍ସ) ରଶିଦ୍ ମାଲହୋତ୍ରା, ଏମ୍‌ଏସ୍‌ବି ଅଟୋମୋଟିଭ୍‌ର ପରିଚାଳନା ନିର୍ଦ୍ଦେଶକ ମନ୍‌ସୁର ବକ୍ସ ଏବଂ ଏମ୍‌ଏସ୍‌ବି ଅଟୋମୋଟିଭ୍‌ର ନିର୍ଦ୍ଦେଶକ ଶାହିରା ବାନୁ ପ୍ରମୁଖ ଉପସ୍ଥିତ ଥିଲେ। ଅଲ୍ ନିୟୁ 'ଚେତକ୍ ସି୨୫'ର ଏକ୍ସ




ଶୋ' ରୁମ୍ (ନୂଆଦିଲ୍ଲୀ) ମୂଲ୍ୟ ୯୧,୩୯୯ ଟଙ୍କା ରହିଛି। ପ୍ରଥମ ୧୦ ହଜାର ଗ୍ରାହକଙ୍କ ଲାଗି ଏଥିରେ ୪୨୯୯ ଟଙ୍କା ରିଆତି ରହିଛି। ଅଲ୍ ନିୟୁ 'ଚେତକ୍ ସି୨୫'ରେ ୨.୫ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ସଂସ୍ଥାପିତ ହୋଇଛି, ଯାହା ୧୧୩ କିମି ରେଞ୍ଜ ପ୍ରଦାନ କରୁଛି। ଅଲ୍ ନିୟୁ 'ଚେତକ୍ ସି୨୫' ଗ୍ରାହକଙ୍କୁ ରାଇଡ୍ ଇଜି, ଭାଇଭ୍ ଇଜିର ପ୍ରତିଶ୍ରୁତି ଦେଉଛି। ଏହି ସ୍କୁଟରରେ ୨୫ ଲିଟର ବୁଟ୍ ସଂସ୍ଥାପିତ, ଯାହା ହିଲ୍ ହୋଲ୍‌ଡ ଆସିଷ୍ଟ,ଗାଇଡ୍ ମି ହୋମ୍ ଲାଇଟ୍ ଏବଂ ଡିସ୍କ ବ୍ରେକ୍ ଭଳି ବୈଶିଷ୍ଟ୍ୟ ସହ ରହିଛି।

## କଟକରେ ମହିନ୍ଦ୍ରାର ନୂତନ ଅତ୍ୟାଧୁନିକ ଟ୍ରକ୍ ଏବଂ ବସ୍ ଡିଲରସିପ୍



**ଭୁବନେଶ୍ୱର,୩୦ା୧(ସମିସ):** ମହିନ୍ଦ୍ରାର ଟ୍ରକ୍ ଏବଂ ବସ୍ ବ୍ୟବସାୟ ଆଜି ଓଡ଼ିଶାର କଟକରେ ୬ଟି ସର୍ଭିସ୍ ବେସ ସହିତ ଏହାର ଅତ୍ୟାଧୁନିକ ୩ଏସ୍ ଡିଲରସିପ୍ ଉଦଘାଟନ କରିଛି। ଏହି ୟୁନିଟ୍ ଦୈନିକ ୮ ରୁ ଅଧିକ ଯାନବାହନକୁ ସେବା ପ୍ରଦାନ କରିବା ସହିତ ଡ୍ରାଇଭର ରହିବା, ୨୪ ଘଣ୍ଟା ବ୍ରେକଡାଉନ୍ ସହାୟତା ଏବଂ ଆଡ-ବ୍ଲୁ ଉପଲବ୍ଧତା ମଧ୍ୟ ପ୍ରଦାନ କରୁଛି। ଏହି ଅବସରରେ ବିନୋଦ ସହାୟ, ସଭାପତି - ଟ୍ରକ୍, ବସ୍ ଏବଂ ନିର୍ମାଣ ଉପକରଣ, ଗୋଷ୍ଠୀ କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ କହିଛନ୍ତି କଟକରେ ଆମର ନୂତନ ଅତ୍ୟାଧୁନିକ ଡିଲରସିପ୍ ଉଦଘାଟନ କରି ଆନନ୍ଦିତ। ମେସର୍ସ ମା' ଦୁର୍ଗା ଅଟୋ ଟେକ୍ ଓଡ଼ିଶାରେ ମହିନ୍ଦ୍ରା ଟ୍ରକ୍ ଏବଂ ବସ୍‌ର ଆଉ ଏକ ନୂତନ ଡିଲରସିପ୍ ପାଲଟିଛି। ମିଳିତ ଭାବରେ, ମହିନ୍ଦ୍ରା ଟ୍ରକ୍ ଏବଂ ବସ୍ ଏବଂ ଏସଏମଏଲ୍ ପାଖରେ ଏବେ ସାରା ଦେଶରେ ଟ୍ରକ୍ ଓ ବସ୍ ପାଇଁ ୨୦୦ ରୁ ଅଧିକ ୩ଏସ୍ ଡିଲରସିପ୍ ଏବଂ ୪୦୦ ରୁ ଅଧିକ ଦ୍ୱିତୀୟ ଟଚ୍ ପଏଣ୍ଟ ରହିଛି। ଆମେ ଆର୍ଥିକବର୍ଷ ୩୧ ସୁଦ୍ଧା ଆମର ବଜାର ଅଂଶକୁ ୧୦-୧୨% ଏବଂ ଆର୍ଥିକ ବର୍ଷ ୩୬ ସୁଦ୍ଧା ୨୦% ରୁ ଅଧିକ ଅଂଶୀଦାର ହେବାକୁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ଡକ୍ଟର ଭେଙ୍କଟ ଶ୍ରୀନିବାସ (ବ୍ୟବସାୟ ମୁଖ୍ୟ ମହିନ୍ଦ୍ରା ଟ୍ରକ୍, ବସ୍ ଏବଂ ନିର୍ମାଣ ଉପକରଣ) କହିଛନ୍ତି, ଗ୍ରାହକ-କେନ୍ଦ୍ରିକତା ପ୍ରତି ଆମର ଆଗ୍ରହ ଆମକୁ ଗ୍ରାହକମାନଙ୍କ ପାଇଁ ଉତ୍ତମ ମୂଲ୍ୟ ପ୍ରସ୍ତାବ ସୃଷ୍ଟି କରିବାକୁ ପ୍ରେରିତ କରିଛି।

## ଟିପିସିଓଡିଏଲ୍‌ର ସ୍ମାର୍ଟ ବନାମ ଷ୍ଟାଟିକ୍ ମିଟର ତୁଳନାତ୍ମକ ପ୍ରଦର୍ଶନୀ ଅଭିଯାନ

**ଭୁବନେଶ୍ୱର, ୩୦ା୧ (ସମିସ):** ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଏହାର ସେବାଯୋଗାଣ ଅଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରଗୁଡ଼ିକରେ ଆରମ୍ଭ କରାଯାଇଥିବା 'ସ୍ମାର୍ଟ ବନାମ ଷ୍ଟାଟିକ୍ ମିଟର ତୁଳନାତ୍ମକ ପ୍ରଦର୍ଶନୀ ପଦକ୍ଷେପକୁ ଉପଭୋକ୍ତାମାନଙ୍କ ପକ୍ଷରୁ ବ୍ୟାପକ ସମର୍ଥନ ଓ ସକରାତ୍ମକ ପ୍ରତିକ୍ରିୟା ମିଳିଛି। ସଚେତନତା ସୃଷ୍ଟି କରିବା ଏବଂ ଉପଭୋକ୍ତାଙ୍କ ବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଗ୍ରାହକମାନଙ୍କୁ ସମାନ ବୈଦ୍ୟୁତିକ ଭାର (ଲୋଡ) ରେ ଚାଲୁଥିବା ସ୍ମାର୍ଟ ମିଟର ଏବଂ ଷ୍ଟାଟିକ୍ ମିଟର ମଧ୍ୟରେ ପ୍ରତ୍ୟକ୍ଷ ତୁଳନା କରିବାର ସୁଯୋଗ ଦେଇଛି। ଏହି ଅବସରରେ ଉଭୟ ସ୍ମାର୍ଟ ମିଟର ଓ ଷ୍ଟାଟିକ୍ ମିଟରକୁ ପାଖାପାଖି ରଖି ପ୍ରଦର୍ଶନ କରାଯାଇଥିଲା, ଯାହାଦ୍ୱାରା ଉପଭୋକ୍ତାମାନେ ସ୍ମାର୍ଟ ମିଟରର କାର୍ଯ୍ୟଶୈଳୀ ଏବଂ ଏହାର ସଠିକତା ବିଷୟରେ ସ୍ପଷ୍ଟ ଧାରଣା ପାଇପାରିଥିଲେ। ବହୁ ସଂଖ୍ୟାରେ ଉପଭୋକ୍ତା ଏହି ପ୍ରଦର୍ଶନୀ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ, ଯେଉଁଠାରେ ଏହି ପ୍ରଦର୍ଶନୀ ଗୁଡ଼ିକ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିଲା ଯେ ସ୍ମାର୍ଟ ମିଟରଗୁଡ଼ିକ ଷ୍ଟାଟିକ୍ ମିଟର ଭଳି ସମାନ ମିଟରିଂ ନୀତିରେ କାମ କରେ ଏବଂ ସଠିକତାର ସହ ବିଦ୍ୟୁତ ବ୍ୟବହାର ରେକର୍ଡ କରେ। ସ୍ମାର୍ଟ ମିଟର ବିଦ୍ୟୁତ ବ୍ୟବହାର କିମ୍ବା ବିଲ୍ ପରିମାଣକୁ ବଢ଼ାଇ ଦେଇଥାଏ ବୋଲି ରହିଥିବା ସାଧାରଣ ଭ୍ରାନ୍ତ ଧାରଣାକୁ ଏହି ପଦକ୍ଷେପ ସଫଳତାର ସହ ଦୂର କରିବା ସହ ସ୍ମାର୍ଟ ମିଟର କିଭଳି ସ୍ୱଚ୍ଛତା ବୃଦ୍ଧି କରେ, ତାହା ଏହି ଅଭିଯାନ ଜରିଆରେ ଉପଭୋକ୍ତାଙ୍କୁ ବୁଝାଯାଇଛି।

### ବଜେଟ ୨୦୨୬-୨୭

# ଚାଲିବ ୩୦୦ ନୂଆ ଟ୍ରେନ୍

**ନୂଆଦିଲ୍ଲୀ,୩୦ା୧(ଏଜେନ୍ସି):** ଫେବୃଆରୀ ପହିଲାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଏ ନେଇ ବିଭିନ୍ନ ବର୍ଗ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଛି। ଏବେ ବଜେଟ ଘୋଷଣାକୁ ସମସ୍ତଙ୍କ ଆଶା। ତେବେ ବଜେଟରେ ଅର୍ଥମନ୍ତ୍ରୀ ୩୦୦ ନୂଆ ଟ୍ରେନ୍ ଚଳାଇବା ସହ ୫ଟି ବଡ଼ ଘୋଷଣା କରିପାରନ୍ତି ଖବର ପ୍ରକାଶ ପାଇଛି।

ବଜେଟରେ ସରକାର ରେଳ ଭିତ୍ତିଭୂମି ପରେ ଗୁରୁତ୍ୱ ଦେବେ। ଏଥିରେ ନୂଆ ଟ୍ରେନ୍ ମାଧ୍ୟମରେ ୨୦୩୦ ସୁଦ୍ଧା ରିଜର୍ଭେସନ ୱେଟିଂ ଲିଷ୍ଟ ସମାପ୍ତ କରିବାକୁ ଚାହୁଁଛନ୍ତି ସରକାର। ଏଥିପାଇଁ ୨୦୨୬ ବଜେଟରେ ୩୦୦ ରୁ ଅଧିକ ଅମୃତ ଭାରତ ଏବଂ ବନ୍ଦେ ଭାରତ ଟ୍ରେନ୍ ଘୋଷଣା କରାଯାଇପାରେ। ଗତ ବଜେଟରେ, ରେଳବାଇ ପାଇଁ ୨.୬୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଏହା ଏ ପର୍ଯ୍ୟନ୍ତ ସର୍ବାଧିକ ରେଳ ପାଣ୍ଠି। ଏହି ପରିମାଣ ଏଥର ମଧ୍ୟ ବୃଦ୍ଧି ପାଇବାର ଆଶା କରାଯାଉଛି।



ନୂଆ ଆୟକର ବ୍ୟବସ୍ଥା ଅନୁଯାୟୀ, ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫,୦୦୦ ରୁ ୧ ଲକ୍ଷ ଟଙ୍କା କୁ ବୃଦ୍ଧି କରାଯାଇପାରେ। ଏହାଦ୍ୱାରା ବେତନଭୋଗୀ ବ୍ୟକ୍ତିମାନଙ୍କର ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରମୁକ୍ତ ହେବ। ବର୍ତ୍ତମାନ, ୧୨.୭୫ ଲକ୍ଷ ଟଙ୍କାପର୍ଯ୍ୟନ୍ତ ଆୟ କରମୁକ୍ତ ରହିଛି। ଲୋକଙ୍କର କିଣିବା କ୍ଷମତା ବଢ଼ାଇବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇପାରେ।

ପିଏମ୍-କିଷାନ ଯୋଜନାର ବାର୍ଷିକ ସବସିଡି ୬,୦୦୦ ରୁ ୯,୦୦୦ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଗତ ତିନି ବର୍ଷ ଧରି ଏହି ପରିମାଣ ବୃଦ୍ଧି କରିବା ବିଷୟରେ ଆଲୋଚନା ହେଉଛି। ୨୦୧୯ରେ ଯୋଜନା ଆରମ୍ଭ ହେବା ପରଠାରୁ ଏହି ପରିମାଣ ଅପରିବର୍ତ୍ତିତ ରହିଛି। ୨୦୨୪ ମସିହାରେ, ସଂସଦୀୟ ସ୍ଥାୟୀ କମିଟି ଏହାକୁ ଦୁଇ ଗୁଣ କରି ପ୍ରତିବର୍ଷ ୧୨,୦୦୦ ଟଙ୍କା କରିବାକୁ ସୁପାରିଶ କରିଥିଲା। ବିହାର ସରକାର ମଧ୍ୟ ନଭେମ୍ବରରେ ଏଥିରେ ୩ ହଜାର ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଏହା ଦେଶବ୍ୟାପୀ ଲାଗୁ ହୋଇପାରେ।

ବଜେଟରେ ୨ କିଲୋୱାଟ ପର୍ଯ୍ୟନ୍ତ ସୌରଶକ୍ତି ପ୍ରଣାଳୀ ଉପରେ ସବସିଡି ପ୍ରତି କିଲୋୱାଟ ୩୦ ହଜାରରୁ ୪୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରାଯାଇପାରେ। ବର୍ତ୍ତମାନର ନିୟମ ଅନୁଯାୟୀ, ୨ କିଲୋୱାଟ ସୌରଶକ୍ତି ପ୍ରଣାଳୀ ସ୍ଥାପନ କଲେ ପ୍ରତି କିଲୋୱାଟ ୩୦ ହଜାରରୁ ହାରରେ ମୋଟ ୬୦ ହଜାର ଟଙ୍କା ସବସିଡି ମିଳୁଛି। ସରକାର ଆୟୁଷ୍ମାନ ଭାରତ (ପିଏମ-ଜେଏୱାଇ) ଯୋଜନାର ପରିସରକୁ ବିସ୍ତାର କରିପାରନ୍ତି। ବର୍ତ୍ତମାନ, ୭୦ ବର୍ଷରୁ ଅଧିକ ବୟସ୍କ ଏହି ଯୋଜନା ପାଇଁ ଯୋଗ୍ୟ, କିନ୍ତୁ ଏହାକୁ ୬୦ ବର୍ଷକୁ ହ୍ରାସ କରାଯାଇପାରେ। ଏହା ବ୍ୟତୀତ, କର୍କଟ ଏବଂ ହୃଦରୋଗ ଭଳି ଗମ୍ଭୀର ରୋଗର ଖର୍ଚ୍ଚକୁ ପୂରଣ କରିବା ପାଇଁ ମାଗଣା ଚିକିତ୍ସାର ବାର୍ଷିକ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ।

## ପ୍ୟାରିସ୍ କୋଟୁର ୱିକ୍‌ରେ ଇନ୍ଦ୍ରିୟା ଜୁଏଲାରୀ କଲେକ୍‌ସନ ପ୍ରଦର୍ଶିତ



**ଭୁବନେଶ୍ୱର,୩୦ା୧:** ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ ପ୍ରଥମ ଥର ପାଇଁ ପ୍ୟାରିସ୍ କୋଟୁର ୱିକ୍‌ରେ ପ୍ରସିଦ୍ଧ ଡିଜାଇନର୍ ଗୌରବ ଗୁପ୍ତାଙ୍କ ସହ ଆନୁଷ୍ଠାନିକ ଅଳଙ୍କାର ଅଂଶୀଦାର ଭାବରେ ଏହାର କଲେକ୍‌ସନ ପ୍ରଦର୍ଶନ କରିଛି। ସୂକ୍ଷ୍ମ କାରିଗରୀ ଏବଂ ଡିଜାଇନ୍ ଶ୍ରେଷ୍ଠତା ଉପରେ ଧ୍ୟାନ ଦେବା ପାଇଁ ଜଣାଶୁଣା, ଇନ୍ଦ୍ରିୟା ଏହି ସହଭାଗୀତା ସହିତ ଭାରତୀୟ ଅଳଙ୍କାରର କଳାକୃତିକୁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ୍ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏକୁ ନେଇଯାଏ। ଏହି ସିଜନରେ, ଗୌରବ ଗୁପ୍ତାଙ୍କ କୋଟୁର ଦ୍ୱୈତତାର ଧାରଣାରୁ ପ୍ରେରଣା ଆଣିଛି, ଉପାଦାନଗୁଡ଼ିକ ଯାହା ସହଭାଗୀ ହୋଇ ପରସ୍ପରକୁ ପୂର୍ଣ୍ଣ କରେ, ଅର୍ଦ୍ଧନାରୀଶ୍ୱରରେ ମୂଳ, ପୁରୁଷ ଏବଂ ନାରୀର ଦିବ୍ୟ ମିଳନ। ସଂଗ୍ରହ ଏପରି ବିପରୀତତାଗୁଡ଼ିକୁ ଅନୁସନ୍ଧାନ କରେ ଯାହା ସୃଷ୍ଟିକୁ ଆକାର ଦିଏ, ଯେପରିକି ଗଠନ ଏବଂ ତରଳତା, ରୂପ ଏବଂ ଆକାରହୀନତା, ଶକ୍ତି ଏବଂ ଅନୁଗ୍ରହ। ଭାରତର ସମୃଦ୍ଧ ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ଐତିହ୍ୟରେ ଆବଦ୍ଧ, ଇନ୍ଦ୍ରିୟାର ଡିଜାଇନ୍ ଗୌରବ ଗୁପ୍ତାଙ୍କ ମୂର୍ତ୍ତିକଳା ପୋଷାକ ଶବ୍ଦାବଳୀ, ସଠିକ୍, ଆଲୋକମୟ ଏବଂ ମୂର୍ତ୍ତିକଳାକାରି ରଖିଛି।

